୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.220 Bhubaneswar Wednesday October 09 2024 | ୨୬ତମ ବର୍ଷ ସଂଖ୍ୟା-୨୨୦ ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୦୯, ୨୦୨୪ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ଭୁଲ ହୋଇଗଲା ସବୁ ଆକଳନ, ହରିୟାଣାରେ ବିଜେପିର ଐତିହାସିକ ହ୍ୟାଟ୍ରିକ



ଭୁବନେଶ୍ୱର,୮।୧୦(ପି.ଏନ): ଫେଲ ମାରିଲା ସବୁ ସଂସ୍ଥାର ଏକଜିଟ ପୋଲ୍ ତଥ୍ୟ। ରାଜନୀତିକ ପଣ୍ଡିତମାନଙ୍କ ଭବିଷ୍ୟତବାଣୀ ବି ଭୁଲ ହେଲା। ଏକା ବିଜେପି କରିଥିବା ଆକଳନ ଶେଷରେ ସତ ପ୍ରମାଣିତ ହୋଇଛି।ଜୋରଦାର ସରକାରୀ ବିରୋଧୀ ଆହ୍ୱା ସତ୍ତ୍ୱେ ହରିୟାଣାରେ ବିଜେପି ହାସଲ କରିଛି ଐତିହାସିକ ହ୍ୟାଟ୍ରିକ ବିଜୟ। ହରିୟାଣା ବିଧାନସଭା ନିର୍ବାଚନରେ ବିଜୟ ବାନା ଉଡାଇଛି ବିଜେପି। ଏହାକୁ ମିଶାଇ ଦଳ କ୍ରମାଗତ ତୃତୀୟ ଥର ପାଇଁ ହରିୟାଣାରେ ସରକାର ଗଠନ କରିବାକୁ ଯାଉଛି। ୨୦୧୯ ତୁଳନାରେ ଦଳ ଏଥର ଆହୁରି ଭଲ ପ୍ରଦର୍ଶନ କରି ୯୦ ବିଧାନସଭା ଅରସନରୁ ଏକାକୀ ୪୮ ଆସନ ଜିତିଛି। ୩ ସ୍ୱାଧୀନ ବିଧାୟକ ଓ ଆଇଏନଏଲଡିର ୨ ଜଣ ବିଧାୟକ ମଧ୍ୟ ବିଜେପି ସରକାରଙ୍କୁ ସମର୍ଥନ କରିବାର ଯଥେଷ୍ଟ ସମ୍ଭାବନା ରହିଛି। କଂଗ୍ରେସ ହରିୟାଣାରେ କ୍ଷମତାକୁ ଫେରିବାକୁ ଆଶା ରଖିଥିଲା। ଏକଜିଟ ପୋଲ ମଧ୍ୟ କଂଗ୍ରେସ ସପକ୍ଷରେ ରାୟ ଦେଇଥିଲେ। ହେଲେ ଦେଶର ସର୍ବପୁରାତନ ଦଳ କେବଳ ୩୭ଟି ଆସନ ଜିତିବାକୁ ସକ୍ଷମ ହୋଇଛି। ୨୦୧୪ ଓ ୨୦୧୯ ଭଳି ବିଜେପି ଏଥର ହରିୟାଣାରେ ସଫଳତା ପାଇବ ନାହିଁ ବୋଲି ସମସ୍ତେ କହୁଥିଲେ। ଲୋକସଭା ନିର୍ବାଚନରେ ବିଜେପି ବିଜୟୀ ହୋଇଥିଲେ ହେଁ ଆଶା ଅନୁସାରେ ପ୍ରଦର୍ଶନ କରିପାରି ନଥିଲା। ଏହାପରେ ଅନୁଷ୍ଠିତ ପ୍ରଥମ ବିଧାନସଭା ନିର୍ବାଚନରେ ବିଜେପି କେମିତି ପ୍ରଦର୍ଶନ କରୁଛି, ତା' ଉପରେ ସମସ୍ତଙ୍କ ନଜର ରହିଥିଲା।

## ଜଲେବି ଖାଇଲେ ରାହୁଲ, ସ୍ୱାଦ ନେଇଗଲା ବିଜେପି

ଭୁବନେଶ୍ୱର,୮।୧୦(ପି.ଏନ): ହରିୟାଣା ନିର୍ବାଚନ ଫଳାଫଳ ବିଜେପି ସପକ୍ଷରେ ଯିବା ପରେ ଚାରିଆଡେ ଜଲେବିକୁ ନେଇ ଚର୍ଚ୍ଚା କୁହାଯାଉଛି- ଜଲେବି ଖାଇଲେ ରାହୁଲ ଗାନ୍ଧି, ହେଲେ ସ୍ୱାଦ ନେଇଗଲା ବିଜେପି।ହରିୟାଣାରେ ବିଜେପିର ଜବରଦସ୍ତ ବିଜୟ ପରେ ସୋଶାଲ ମିଡିଆରେ ଟ୍ରେଣ୍ଡ କରୁଛି ହ୍ୟାଶ ଟ୍ୟାଗ୍ ଜଲେବି। ତେବେ ହରିୟାଣା କ୍ଷମତା ରାଜନୀତିରେ କ'ଣ ଏଇ ଜଲେବିର କାହାଣୀ ?ଆଜି ଭୋଟ ଗଣତି ଆରମ୍ଭରୁ ଜେଲବି ଟ୍ରେଣ୍ଡ କରୁ ନଥିଲା। କିନ୍ତୁ ବିଜେପି ଆଗୁଆ ହେବା ମାତ୍ରେ ଭାଇରାଲ୍ ହେବାରେ ଲାଗିଥିଲା ଜଲେବି। ନେତାଙ୍କ ହାତରେ ଜଲେବି, ପଲିଟିକାଲ୍ ବଜ୍ ୱାର୍ଡ ପାଲଟିଛି ଜଲେବି। କିନ୍ତୁ କାହିଁକି ? ମେଳା ଲାଗି ନାହିଁ କି ମହୋତ୍ସବ ନାହିଁ। ତଥାପି ଏ ଅଦିନିଆ ଜଲେବି ଟ୍ରେଣ୍ଡ୍ ପଛରେ କାରଣ କ'ଣ ?

## ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ଭାବେ 'ଦମନ'କୁ ମିଳିଲା ଜାତୀୟ ପୁରସ୍କାର

ଭୁବନେଶ୍ୱର,୮।୧୦(ପିଏନ):'ଦମନ'କୁ ମିଳିଲା ଜାତୀୟ ପୁରସ୍କାର । ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ଭାବେ 'ଦମନ'କୁ ମିଳିଲା ଜାତୀୟ ପୁରସ୍କାର । ମହାମହିମ ରାଷ୍ଟ୍ରପତିଙ୍କ ଠାରୁ ପୁରସ୍କାର ଗ୍ରହଣ କଲେ ଦମନ ଚଳଚ୍ଚିତ୍ରର ପ୍ରଯୋଜକ ଓ ୨ ନିର୍ଦ୍ଦେଶକ । ଫିଲ୍ମର ପ୍ରଯୋଜକ ଦୀପେନ୍ଦ୍ର ସାମଲଙ୍କୁ ମିଳିଲା ଏହି ଜାତୀୟ ପୁରସ୍କାର ।

## ଓମାର ଅବଦୁଲ୍ଲା ହେବେ ଜମ୍ମୁ-କଶ୍ମୀରର ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୮।୧୦(ପି.ଏନ): କେନ୍ଦ୍ର ଶାସିତ ଅଞ୍ଚଳର ଜମ୍ମୁ-କଶ୍ମୀରର ପ୍ରଥମ ମୁଖ୍ୟମନ୍ତ୍ରୀ ହେବେ ନ୍ୟାଶନାଲ କନଫରେନ୍ସର ସଭାପତି ତଥା ସାଂସଦ ଫାରୁକ ଅବଦୁଲ୍ଲାଙ୍କ ପୁଅ ଓମାର ଅବଦୁଲ୍ଲା।ଦୀର୍ଘ ୧୦ ବର୍ଷ ପରେ ଜମ୍ମୁ-କଶ୍ମୀରରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ ଏନସି ଓ କଂଗ୍ରେସ ମିଳିତ ଭାବେ ସରକାର ଗଠନ କରିବାକୁ ଯାଉଛନ୍ତି। ଉଭୟ ଦଳ ମିଳିତ ଭାବେ ୯୦ ବିଧାନସଭା ଆସନରୁ ପ୍ରାୟ ୫୦ଟିରେ ଜିତିବା ଏକ ପ୍ରକାରର ସ୍ପଷ୍ଟ ହୋଇଛି।

## ଜମ୍ମୁରେ ମାଟି କାମୁଡିଲା କଂଗ୍ରେସ, ଜିତିଲା ମାତ୍ର ଗୋଟିଏ ଆସନ



ଭୁବନେଶ୍ୱର,୮।୧୦(ପି.ଏନ): କେନ୍ଦ୍ର ଶାସିତ ଅଞ୍ଚଳର ଜମ୍ମୁ-କଶ୍ମୀରରେ ପ୍ରଥମଥର ପାଇଁ ସରକାର ଗଠନ କରିବାକୁ ଯାଉଛନ୍ତି ଏନସି ଓ କଂଗ୍ରେସ। ଉଭୟ ନିର୍ବାଚନ ପୂର୍ବରୁ ମେଣ୍ଟ କରି ଏକାଠି ଲ??ଇ କରୁଥିଲେ। ମେଣ୍ଟ ୯୦ଟି ବିଧାନସଭା ଆସନରୁ ୪୯ଟିରେ ବାଜିମାତ କରିଛି।କଂଗ୍ରେସ ସହଯୋଗୀ ଏନସି ସହ ମିଶି ସରକାର ଗଠନ କରିବାକୁ ଯାଉଥିଲେ ହେଁ ଦଳ କେବଳ ୬ଟି ଆସନ ଜିତି ପାରିଛି। ସ୍ଥିତି ଏପରି ହୋଇଛି ଯେ ଦଳ ଜମ୍ମୁ ରିଜନରେ ମାଟି କାମୁଡିଛି। ୨୯ଟି ସ୍ଥାନରେ କଂଗ୍ରେସ ପ୍ରାର୍ଥୀ ଦେଇଥିଲେ ହେଁ କେବଳ ଗୋଟିଏ ଆସନ ଜିତିବାକୁ ସକ୍ଷମ ହୋଇଛି। ରଜୌରୀ ଆସନରେ କଂଗ୍ରେସ ପ୍ରାର୍ଥୀ ଇଫତକାର ଅହମଦ ବିଜେପିର ବିବୋଧ ଗୁପ୍ତାଙ୍କୁ ୧୪୦୪ ଖଣ୍ଡ ଭୋଟରେ ହରାଇ ଦେଇଛନ୍ତି। କଂଗ୍ରେସ ମେଣ୍ଟର ସିଟ ଶେୟାରିଂ ଫର୍ମୁଲା ଅନୁସାରେ ଜମ୍ମୁ-କଶ୍ମୀରରେ ମୋଟ ୩୨ ଜଣଙ୍କୁ ପ୍ରାର୍ଥୀ କରିଥିଲା। ଏମାନଙ୍କ ମଧ୍ୟରୁ ୨୯ ଜଣ ଜମ୍ମୁ ଓ ୩ ଜଣ କଶ୍ମୀରରେ ପ୍ରାର୍ଥୀ ହୋଇଥିଲେ।

## ୩୭୦ ଉଚ୍ଛେଦ ପରେ ଜମ୍ମୁ-କଶ୍ମୀରରେ ପ୍ରଥମ ବିଧାନସଭା ନିର୍ବାଚନ: ଏନସି-କଂଗ୍ରେସର ବଡ ବିଜୟ



ଭୁବନେଶ୍ୱର,୮।୧୦(ପି.ଏନ): ଜମ୍ମୁ-କଶ୍ମୀର ବିଧାନବସଭା ନିର୍ବାଚନରେ ବାଜିମାତ କରିଛନ୍ତି ଏନସି ଓ କଂଗ୍ରେସ ମେଣ୍ଟ। ଉପତ୍ୟକାରୁ ଧାରା ୩୭୦ ଉଚ୍ଛେଦ ହେବା ପରେ ପ୍ରଥମଥର ପାଇଁ ଏଠାରେ ବିଧାନସଭା ନିର୍ବାଚନ ହେଉଥିଲା।ସେହିପରି ଜମ୍ମୁ-କଶ୍ମୀର ରାଜ୍ୟରୁ କେନ୍ଦ୍ର ଶାସିତ ଅଞ୍ଚଳ ହେବା ପରେ ମଧ୍ୟ ଏହା ପ୍ରଥମ ବିଧାନସଭା ଭୋଟ ଥିଲା। କେନ୍ଦ୍ର ଶାସିତ ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନରେ ଏନସି ଓ କଂଗ୍ରେସ ମେଣ୍ଟ ବିଜେପି ବିରୋଧରେ ବଡ ବିଜୟ ହାସଲ କରିଛନ୍ତି।ଏକଜିଟ ପୋଲ ଏଠାରେ ଝୁଲା ବିଧାନସଭା ହେବ ବୋଲି ଆକଳନ କରିଥିବା ବେଳେ ୧୦ ବର୍ଷ ପରେ ହୋଇଥିବା ନିର୍ବାଚନରେ ଏନସି ଓ କଂଗ୍ରେସ କମାଲ କରିଦେଇଛନ୍ତି। ଜମ୍ମୁ-କଶ୍ମୀର ବିଧାନସଭାର ୯୦ଟି ଆସନରୁ ମେଣ୍ଟ ୪୯ଟିରେ ବାଜିମାତ କରିଛି।











# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଲି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଋଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଋଲିଗଲା ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଋଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଋର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଋରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି କିନ୍ତୁ ସେ ସେପରି ଗୁରୁଙ୍କୁ ଋହିଁ ରହିଥାନ୍ତି ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲୋଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ରୋବଟ କରେ ହୋଟେଲ କାମ




ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। 'ହେନ ନା' ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। 'ହେନ ନା' ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା'ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱୀଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ଼ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଋର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଋରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହିଁ କୁହନ୍ତି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୪, ଅକ୍ଟୋବର ୯

# ଭରସା ପାଉନି ଆଉ ନିଜର କୌଳିକ ବୃତ୍ତି



ବନ୍ଦନା ସାହୁ

ସମୟର ପରିବର୍ତ୍ତନ ସହ ଯୁଗ ମଧ୍ୟ ବଦଳିବାକୁ ଲାଗିଲାଣି, ତା ସହିତ ଲୋକଙ୍କ ମାନସିକତା ଏବଂ ଚିନ୍ତାଧାରା ମଧ୍ୟ।ସମସ୍ତେ ଏବେ ଉନ୍ନତିର ପଥରେ ଅଗ୍ରସର ଅଟନ୍ତି। ବହୁତ ଭଲ କଥା ! କିନ୍ତୁ ଏହି ସବୁ ଭିତରେ କୋଉଠି ନା କୋଉଠି ହଜିଯାଉଛି ଆମ କୌଳିକ ବୃତ୍ତି। ବୋଧ ହୁଏ ଆଉ ଭରଷା ପାଉନି ଲୋକଙ୍କର ଆମର କୌଳିକ ବୃତ୍ତି ଉପରେ। କିନ୍ତୁ କାହିଁକି ? କଣ ଅଭାବ ରହୁଛି ଆମର କୌଳିକ ବୃତ୍ତିରେ ଯାହା ଦ୍ୱାରା ଲୋକଙ୍କର ନିଜର କୌଳିକ ବୃତ୍ତି ଉପରୁ ଧୀରେ ଧିରେ ଭରଷା ଉଠିବାକୁ ବସିଲାଣି।

ଆମ ଓଡ଼ିଶାରେ ଏପରିକି ଓଡ଼ିଶା ବାହାରେ ମଧ୍ୟ ସମଗ୍ର ଦେଶରେ ବିଭିନ୍ନ ପ୍ରକାରର ଜାତି ଓ ଜନଜାତି ବସବାସ କରୁଛନ୍ତି। ସମସ୍ତଙ୍କର କୌଳିକ ବୃତ୍ତି ମଧ୍ୟ ପରସ୍ପର ଠାରୁ ଭିନ୍ନ ଅଟେ। ପ୍ରତ୍ୟେକ ଜାତି ଭିତରେ ଏକ କୌଳିକ ବୃତ୍ତି ରହିଅଛି, ଯାହା ଦ୍ୱାରା ସେ ଜାତିର ପ୍ରତ୍ୟେକଟି ବ୍ୟକ୍ତି ନିଜର କୌଳିକ ବୃତ୍ତି ଉପରେ ଭରଷା କରି ନିଜର ଜୀବିକା ନିର୍ବାହ କରିଥାନ୍ତି। କିନ୍ତୁ ବର୍ତ୍ତମାନ ସମୟରେ ତାହା ଆଉ ଦେଖିବାକୁ ମିଳୁନାହିଁ। ବର୍ତ୍ତମାନ ସମୟରେ ଲୋକ ମାନେ ନିଜର କୌଳିକ ବୃତ୍ତି ଛାଡ଼ି ଅନ୍ୟତ୍ର ମୁହାଉଁଛନ୍ତି। କାରଣ ସେମାନଙ୍କୁ ନିଜର କୌଳିକ ବୃତ୍ତି ବୋଧ ହୁଏ ଆତ୍ମ ସନ୍ତୁଷ୍ଟି ଦେଇ ପାରୁନାହିଁ। କିନ୍ତୁ କାହିଁକି ? ଯେଉଁ କୌଳିକ ବୃତ୍ତି କାହିଁ କେତେ କାଳରୁ ଆମ ମାନଙ୍କର ବାପା,ଜେଜେ ଏବଂ ସେମାନଙ୍କ ପୂର୍ବ ପୁରୁଷ ଅମଳରୁ ଚାଲି ଆସିଅଛି, ପେଟ ପୋଷି ଆସୁଥିଲା ଆଉ କାହିଁକି ସେ ଭରଷା ଦେଇପାରୁନାହିଁ।କଣ ରହିଅଛି ଅଭାବ? ସତରେ ଆମ କୌଳିକ ବୃତ୍ତିରେ ଅଭାବ, ନା ଆମ ମାନଙ୍କ ଚିନ୍ତା ଓ ମାନସିକତାରେ ପରିବର୍ତ୍ତନ? ନା ଆଧୁନିକତାର ପ୍ରଭାବ ?

ଚାଷୀ ଯଦି ଚାଷ କାମ ଛାଡ଼ିଦେବେ,ତେବେ ଚାଷ କରିବ କିଏ ? ବ୍ରାହ୍ମଣ ଯଦି ପୂଜା ପାଠ ଛାଡ଼ି ଦେବେ,ତେବେ ମନ୍ଦିରରେ ପୂଜା କରିବ କିଏ ? କଂସାରି ଯଦି ବାସନ ଗଢ଼ିବା ଛାଡ଼ିଦେବେ, ତେବେ ବାସନ ଗଢ଼ିବ କିଏ ? ଠିକ୍ ଏହିପରି ପ୍ରତ୍ୟେକ ଜାତିର ଲୋକ ମାନେ ଯଦି ନିଜର କୌଳିକ ବୃତ୍ତିକୁ ଛାଡ଼ି ଅନ୍ୟ କିଛି ବୃତ୍ତିକୁ ଆପଣେଇବେ,ତେବେ ତାଙ୍କ କୌଳିକ ବୃତ୍ତିର କଣ ହେବ ? ଧୀରେ ଧିରେ ତ ଏହିପରି ଭାବରେ ଆମ ସମସ୍ତଙ୍କ କୌଳିକ ବୃତ୍ତି ଲୋପ ପାଇ ବସିବ। ପୂର୍ବ ସମୟରେ ଆମ ଚାଷୀ ଭାଇ ମାନଙ୍କୁ ଜମିଦାର ରାଜା ବୋଲି କୁହାଯାଇଥିଲା, ଯାହା ଘରେ ଚାଷ ଜମି ଥିଲା,ଚାଷ କାମ ହେଉଥିଲା, ଧାନ ବସ୍ତା ଦେଖିବାକୁ ମିଳୁଥିଲା ସେମାନଙ୍କର ସମ୍ମାନ ଆମ ସମାଜରେ କିଛି ଅଲଗା ପ୍ରକାରର ଥିଲା, କିନ୍ତୁ ଆଜିକା ସମୟରେ କାହିଁ ଆଉ ସେପରି ନାହିଁ ? କେଉଁଠି ରହୁଛି ଅସୁବିଧା ? କଣ ଏହା ଆମ ମାନସିକତାର ପରିବର୍ତ୍ତନ ନୁହଁ କି ? ଯଦି ହଁ, ତେବେ ଏପରି କାହିଁକି। ଜଣଙ୍କର କୌଳିକ ବୃତ୍ତି ବିନା ଆମର ଚଳିବା ଯଦି ଅସମ୍ଭବ, ତେବେ ସେମାନେ ଏହି ସମାଜରେ ଆଗ ଡକରା ଏବଂ ସମ୍ମାନନୀୟ ନୁହନ୍ତି କାହିଁକି ? କାହିଁକି ସେମାନଙ୍କୁ ସେମାନଙ୍କ କୌଳିକ ବୃତ୍ତି ପାଇଁ ଆମମାନଙ୍କ ଠାରୁ ସେ ଉତ୍ସାହ ଦେଖିବାକୁ ମିଳୁ ନାହିଁ,ଯାହା ତାଙ୍କୁ ତାଙ୍କ କୌଳିକ ବୃତ୍ତି ଆଡ଼କୁ ମୁହାଁଇବ ?

ଆମ ଓଡ଼ିଆରେ ଗୋଟିଏ କଥା ଅଛି,'ବୃତ୍ତି ମୋ ପୋଷେ କୁଟୁମ୍ବ' । ଆମେ ଯଦି ପୂର୍ବ ସମୟକୁ ଦେଖିବା, ଖାସ କରି ୧୯୯୯ ମସିହା ପୂର୍ବରୁ ସବୁ ଲୋକମାନେ ସମସ୍ତେ ନିଜ ନିଜର କୌଳିକ ବୃତ୍ତି ଉପରେ ଭରସା କରି ଚଳି ଆସୁଥିଲେ।ନିଜ ପରିବାରର ସମ୍ପୂର୍ଣ୍ଣ ଭରଣ ପୋଷଣ ନିଜର ଏହି କୌଳିକ ବୃତ୍ତିରୁ ରୋଜଗାର ମଧ୍ୟ କରି ଚଳି ଆସୁଥିଲେ। ପ୍ରତ୍ୟେକ ସମ୍ପ୍ରଦାୟର ପ୍ରତ୍ୟେକ ପରିବାରରେ ଗୋଟିଏ ଗୋଟିଏ ଲେଖାଏଁ ନିଜର କୌଳିକ ବୃତ୍ତି ଦେଖିବାକୁ ମିଳୁଥିଲା। ସମସ୍ତେ ନିଜର କୌଳିକ ବୃତ୍ତିକୁ ଆପଣେଇ ରୋଜଗାର କରି ନିଜର ଜୀବିକା ନିର୍ବାହ କରୁଥିଲେ, କିନ୍ତୁ ବର୍ତ୍ତମାନ ସମୟରେ ଆଉ ତାହା ନାହିଁ।ନିଜର କୌଳିକ ବୃତ୍ତି କଥା ଚିନ୍ତା କଲେ ଲୋକ ମାନେ ଆଗ ନାକ ଟେକି ବସିଛନ୍ତି ଏବଂ ସମସ୍ତେ ଚାକିରି ଓ ବିଦେଶ ମୁହାଁ ହେଉଛନ୍ତି, ଏବଂ କିଛି ଗରିବ ଶ୍ରେଣୀର ବ୍ୟକ୍ତିମାନେ ମଧ୍ୟ ବାହାର ରାଜ୍ୟକୁ ଦାଦନ ଖଟିବାକୁ ମଧ୍ୟ ବେଶ୍ ପସନ୍ଦ କରୁଛନ୍ତି ନିଜର କୌଳିକ ବୃତ୍ତି ଅପେକ୍ଷା,କିନ୍ତୁ କାହିଁକି ? ଏପରି ହେବା ଦ୍ୱାରା ତ ଆମର କୌଳିକ ବୃତ୍ତି ସବୁ ସମ୍ପୂର୍ଣ୍ଣ ଭାବେ ଲୋପ ପାଇଯିବ,ନିଜର ଅସ୍ତିତ୍ୱ ହରାଇ ବସିବ।କଣ ଏସବୁରେ ପରିବର୍ତ୍ତନ ଆଣି ଆମ କୌଳିକ ବୃତ୍ତି ଉପରେ ନଜର କରି ତାକୁ ଆହୁରି ଉନ୍ନତି ଆଡ଼କୁ ନେବାର ପ୍ରୟାସ କରିବା ଆମର କର୍ତ୍ତବ୍ୟ ନୁହଁ ?

ଯଦି ଆମେ ଉଦାହରଣ ସ୍ୱରୂପ କଂସାରି ମାନଙ୍କର କଂସା ବାସନ କାରବାରକୁ ଦେଖିବା ଏକଦା କଂସା ବାସନ ଓ ନୋଟାର କାରବାର ପ୍ରଚୁର ମାତ୍ରାରେ ଦେଖିବାକୁ ମିଳୁଥିଲା।ଏହାର ଚାହିଦା ମଧ୍ୟ ଢେର୍ ଥିଲା।କିନ୍ତୁ ବର୍ତ୍ତମାନ ସମୟରେ ଏହାର ଚାହିଦା ସମ୍ପୂର୍ଣ୍ଣ ମାତ୍ରାରେ ଲୋପ ପାଇବାକୁ ବସିଲାଣି,ଆଉ ଭରସା ପାଉନି ଏହି କୌଳିକ ବୃତ୍ତି ଉପରେ।ସେଥିଲାଗି ବର୍ତ୍ତମାନ ସମୟରେ ଏହି ନୋଟା, ଗଗରା ପରି ଆହୁରି ଅନେକ ଶାଳ ସବୁ ବନ୍ଦ ହେବାକୁ ବସିଲାଣି।ଦିନ ଥିଲା କଂସାରି ଲୋକ ମାନଙ୍କର ନୋଟା, ଗଗରା,ମାଣ୍ଡିଆ ପରି ଆହୁରି ଅନେକର ବ୍ୟବସାୟ ଏତେ ମାତ୍ରାରେ ଚାଲିଥିଲା ଯେ କଂଶାରି ବସ୍ତିରେ ନୋଟା, ଗଗରା ଉତ୍ପାଦନ ଶବ୍ଦରେ ଘୋ ଘୋ ହୋଇ ଡାକୁଥିଲା।ଲୋକଙ୍କୁ ଖାଇବାକୁ ମଧ୍ୟ ସମୟର ଅଭାବ ରହୁଥିଲା।କିନ୍ତୁ ବର୍ତ୍ତମାନ ସମୟରେ ଏହି ଶବ୍ଦ ବିଲକୁଲ୍ ନିଶବ୍ଦ ହେବାକୁ ବସିଲାଣି।ଠିକ୍ ସେହିପରି ଆମେ ଯଦି ଦେଖିବା ବାଲି ପାଟଣା, କୁଣ୍ଡ ପାଟଣା , ବାଲକାଟି ଏହି ସବୁ ଜାଗା ମଧ୍ୟ କଂସା ବାସନ ବ୍ୟବସାୟ ପାଇଁ ବେଶ୍ ପ୍ରସିଦ୍ଧ ଅଟେ।କିନ୍ତୁ ଧୀରେ ଧୀରେ ଏହି ସବୁ ଜାଗାରେ ମଧ୍ୟ ଏହି ବୃତ୍ତର ବ୍ୟବସାୟ ବର୍ତ୍ତମାନ ସମୟରେ କମିବାକୁ ଲାଗିଲାଣି।ଲୋକେ ବର୍ତ୍ତମାନ ସମୟରେ ନିଜ ବୃତ୍ତକୁ ଛାଡି ଅନ୍ୟ ବ୍ୟବସାୟ କିମ୍ବା ଚାକିରି ପ୍ରତି ଅଧିକ ଆଶାବାଦୀ ରହୁଛନ୍ତି। କେବଳ କଂସା ବାସନ ନୁହଁ ଏପରି ଅନେକ ବୃତ୍ତ ରହିଅଛି ଯାହାର ମାତ୍ରା ଏବେ ଧୀରେ ଧୀରେ କମିବାକୁ ବସିଲାଣି।ସେହି ବୃତ୍ତର ଲୋକ ମାନେ ଏବେ ଅନ୍ୟତ୍ର ମୁହାଁଉଛନ୍ତି।

ବର୍ତ୍ତମାନ ସମୟରେ ସମସ୍ତେ ନିଜ ପିଲା ମାନଙ୍କୁ ଉଚ୍ଚ ଶିକ୍ଷିତ କରାଇ ଚାକିରି ଆଶାରେ ଆଶା ବାନ୍ଧି ରହୁଛନ୍ତି।ଏବଂ ଆମେ ଯଦି ଆଜିର ସମୟର ବହୁ ଯୁବ ପିଢ଼ି ମାନଙ୍କୁ ଲକ୍ଷ କରିବା ସେମାନେ ମଧ୍ୟ ଉଚ୍ଚ ଶିକ୍ଷିତ ହୋଇ ବିଦେଶ ଗମନ କରି ସେଠାରେ ନିଜକୁ ସ୍ଥାପିତ କରିବାକୁ ଆଶା ବାନ୍ଧି ରହୁଛନ୍ତି। କିମ୍ବା ନିଜ ଦେଶରେ ହେଉନା କାହିଁକି ସେମାନେ ଚାକିରି କରି ମୋଟା ଅଙ୍କର ଦରମା ଆଶାରେ ଆଶାୟୀ ହୋଇ ରହୁଛନ୍ତି।ଆଉ କେହି ହାତୁଡି ପିଟି ପରିଶ୍ରମ କରିବାକୁ ଇଚ୍ଛା ପ୍ରକାଶ ମଧ୍ୟ କରୁ ନାହାନ୍ତି।ସେମାନେ ମଧ୍ୟ ନିଜ ନିଜ ଯାଗାରେ କୋଉଠି ନା କୋଉଠି କିଛି ମାତ୍ରାରେ ଠିକ୍ ।ଯଦି ସେମାନଙ୍କୁ ନିଜ ପରିଶ୍ରମର ଉଚିତ୍ ମୂଲ୍ୟ ନ ମିଳେ ତେବେ ସେ ମଧ୍ୟ କାହିଁକି ନିଜ ବୃତ୍ତ ଉପରେ ଭରସା ବାନ୍ଧି ରହିବେ।ଯଦିଓ ଆମ ସରକାରଙ୍କର ବହୁତ ଗୁଡାଏ ବ୍ୟବସ୍ଥା ଏହି ସମସ୍ତ ବୃତ୍ତକୁ ନେଇ ଅଛି।କିନ୍ତୁ ତଥାପି ସେ ସବୁ ବ୍ୟବସ୍ଥା ଉଚିତ୍ ଲୋକ ମାନଙ୍କ ନିକଟରେ ପହଞ୍ଚି ପାରୁଛି କି ନାହିଁ ଟିକେ ଆମ ସରକାର ଏବଂ ପ୍ରଶାସନ ଦୃଷ୍ଟି ଗୋଚର କଲେ ବୋଧ ହୁଏ ପୁନର୍ବାର ପ୍ରତ୍ୟେକ ସମ୍ପ୍ରଦାୟର ବ୍ୟକ୍ତି ବିଶେଷମାନେ ନିଜ ନିଜର ବୃତ୍ତ ଉପରେ ଭରସା କରି ରହିପାରନ୍ତେ। ନିଜ ନିଜ ବୃତ୍ତକୁ ସେମାନେ ଆହୁରି ଅଧିକ ଉନ୍ନତିର ଦିଗରେ ବଢ଼ାଇ ପାରନ୍ତେ। ବୃତ୍ତ ଜୀବନ୍ତ ହୋଇ ମଧ୍ୟ ରୁହନ୍ତା ଏବଂ ଆଜିର ଏହି ଆଧୁନିକ ଯୁଗରେ ଲୋପ ନ ପାଇ ଆହୁରି ଅଧିକ ନିଜର କାୟା ବିସ୍ତାର ମଧ୍ୟ କରନ୍ତା।

*(ଶିବାଙ୍ଗୀ ଧାରା), ଯାଜପୁର*

# ଶକ୍ତିମୟୀ 'ଦୁର୍ଗା'- ଏକ ଅତିତ ଆକଳନ

ଶକ୍ତିପୂଜା ବହୁ ପ୍ରାଚୀନ କାଳରୁ ଆମ ଉତ୍କଳରେ ପ୍ରଚଳିତ ବିଭିନ୍ନ ଧର୍ମ ଶାସ୍ତ୍ରର ପୃଷ୍ଠାକୁ ରୋମନ୍ଥନ କଲେ ଏହା ସ୍ପଷ୍ଟ ଅନୁମେୟ ହୁଏ ଯେ ସମସ୍ତ ଶକ୍ତିର ମୂଳମନ୍ତ୍ର ଦେବୀ ଦୁର୍ଗା । ସେ ବିଭିନ୍ନ ନାମରେ ତଥା ରୂପରେ ଯଥା ମହିଷ ମର୍ଦ୍ଦିନୀ, ବନଦୁର୍ଗା, ମହାଦୁର୍ଗା, ଆଦ୍ୟାଶକ୍ତି, ମହାଶକ୍ତି, ଦ୍ୱିଭୁଜା, ଷଡ଼ଭୁଜା, ଅଷ୍ଟଭୁଜା, ଦଶଭୁଜା ଇତ୍ୟାଦି ରୂପରେ ବନ୍ଦିତା ଶକ୍ତିମୟୀ ଦୁର୍ଗାଙ୍କର ଉତ୍ପତ୍ତି ସମ୍ପର୍କରେ ବିଭିନ୍ନ ମତ ପ୍ରକାଶ ପାଉଥିଲେ ସୁଦ୍ଧା ବାସ୍ତବିକ ଦେବୀ ହେଉଛନ୍ତି ତ୍ରିଗୁଣାତ୍ମିକା। ସେ ସୃଷ୍ଟି, ସ୍ଥିତି ଓ ପ୍ରଳୟ କାରିଣୀ। ତାଙ୍କୁ ସ୍ମରଣ କଲାମାତ୍ରେ ସେ ସମସ୍ତ ଜୀବଜଗତର କ୍ଳେଶ ଦୂର କରନ୍ତି । ସେ ସମସ୍ତଙ୍କର ଆଶ୍ରୟଦାତ୍ରୀ ଓ ମୁକ୍ତି ପ୍ରଦାୟିନୀ । ବିଶ୍ୱରୁ ମହିଷାସୁର ପ୍ରକୃତିର ବିଲୋପ ସାଧନ ପାଇଁ ସେ ଜଗଦ୍ଧାତ୍ରୀ, ଦୁର୍ଗତୀନାଶିନୀ ଓ ବିଶ୍ୱମୋହିନୀ ରୂପରେ ଧରାବତୀର୍ଣ୍ଣା ହୋଇ ତମସାଚ୍ଛନ୍ନ ଗତିରେ ନୂତନ ଓ ଦିବ୍ୟ ଆଲୋକର ସନ୍ଧାନ ଦିଅନ୍ତି । ସେ ମହାମାୟା, ଜଗଦମ୍ବା ଓ ବ୍ରହ୍ମସ୍ୱରୂପିଣୀ। ସେ ପରମାତ୍ମା ଓ ଦ୍ୟୁଲୋକର ଜନନୀ । ସେ ଶକ୍ତିମୟୀ ସନ୍ତାନବତ୍ସଳା। ମା' ସନ୍ତାନର ଦୁଃଖ ପ୍ରଶମନ ପାଇଁ, ସେ ଦ୍ୱିଭୁଜା, ଚର୍ତ୍ତୁଭୁଜା, ଅଷ୍ଟଭୁଜା, ଦଶଭୁଜାକୁ ଧାରଣ କରନ୍ତି। ନାନାବିଧ ରୂପ ଓ ସହସ୍ର ନାମନେଇ, ନିତ୍ୟ ପୂଜାପ୍ରାପ୍ତ ହେଉଥିବା ସେହି ଜାଗ୍ରତମୟୀ ମାତୃଶକ୍ତି ଏକ ଅଭିନ୍ନ। ସେହି ଦୀପ୍ତିମୟୀ, ପରମେଶ୍ୱରୀ ଦେବୀ ଦୁର୍ଗା, ସ୍ଥୂଳ ଓ ସୂକ୍ଷ୍ମ ସମସ୍ତ ଶକ୍ତିର ସମନ୍ୱୟ, ଏଣୁ ତାଙ୍କୁ ଶକ୍ତିର ମୂଳାଧାର ଓ ଆଦ୍ୟାଶକ୍ତି ବୋଲି ବର୍ଣ୍ଣନା କରାଯାଇଛି । ତେଣୁ ପୁରାତନ କାଳରୁ ଶକ୍ତିର ବୈଶିଷ୍ଟତା ଯୁଗେ ଯୁଗେ ମହାନଭାବେ ପ୍ରତିପାଦିତ ହୋଇ ଆସିଛି । ନାରୀ ସୃଷ୍ଟିକର୍ତ୍ତ୍ରୀ । ସେ ଅବଳା, ଦୁର୍ବଳା, ମାତୃତୁଲ୍ୟା, ସହନଶୀଳନୀ, ସତ୍ୟ କିନ୍ତୁ ଯେତେବେଳେ ସୃଷ୍ଟି କୌଣସି ଆସୁରିକ ଶକ୍ତିଦ୍ୱାରା ଅତ୍ୟାଚରିତ ଓ ପୀଡ଼ିତ ହୁଏ ସେତେବେଳେ ଦୈବୀଶକ୍ତିର ଆବିର୍ଭୂତ ହୁଏ । ଯେଉଁ ଶକ୍ତି ହିଁ ମାତୃଶକ୍ତି ଏବଂ ଉକ୍ତ ଆସୁରିକ ଶକ୍ତିର ବିନାଶ ମାତୃଶକ୍ତି ଦ୍ୱାରା ହିଁ ହୋଇଥାଏ । ଏହି ମହନୀୟା ମହାଦେବୀ ଦୁର୍ଗା। ସ୍ୱୟଂ ପରଂବ୍ରହ୍ମସ୍ୱରୂପା ଏବଂ ବ୍ରହ୍ମା, ବିଷ୍ଣୁ, ଶିବ ପ୍ରଭୃତି ସମସ୍ତ ଦେବଙ୍କର ଜନ୍ମଦାତ୍ରୀ, ବିଶ୍ୱପ୍ରସବିନୀ ସ୍ୱୟଂ ଆଦିମାତା । ଅର୍ଥାତ ମା ଦୁର୍ଗା ନିଜେ ଅଖଣ୍ଡ ବ୍ରହ୍ମଙ୍କର ସଗୁଣ ସାକାର ପୂର୍ଣ୍ଣତମା ମାତୃମୂର୍ତ୍ତି। ଦେବୀ ଦୁର୍ଗା ଯେ ନିଜେ ତ୍ରିଦେବଙ୍କର ସୃଷ୍ଟିକାରିଣୀ ଆଦିମାତା । ଏହାର ପ୍ରମାଣ ଶ୍ରୀ ଶ୍ରୀ ଚଣ୍ଡୀରେ ଉପଲବ୍ଧ ।

ଯଥା:- "ବିଷ୍ଣୁଃ ଶରୀର ଗ୍ରହଣ, ମହମୀଶାନ ଏବଚ

କାରିତାସ୍ତେ ଯତୋଽତସ୍ତ୍ୱାଂ କଃ ସ୍ତୋତୁଂ ଶକ୍ତିମାନ ଭବେତ।"

ମହାଦେବୀ ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କୁ ସୃଷ୍ଟିକରି ସେମାନଙ୍କ ଦ୍ୱାରା ସୃଷ୍ଟି, ସ୍ଥିତ ଓ ସଂହାରାଦି



ଉମାଶଙ୍କର ପ୍ରସାଦ

କାର୍ଯ୍ୟ କରାଇଥାନ୍ତି । ଶିବ ମହାପୁରାଣରେ ଏହା ମଧ୍ୟ ଉଲ୍ଲିଖିତ ଅଛି –

ସୃଷ୍ଟି ସ୍ଥିତି ନାଶମୟୀ ଚ କର୍ତ୍ତ୍ରୀ
ବ୍ରହ୍ମାଽଚ୍ୟୁତ ସ୍ଥାଣୁ ଶରୀର ହେତୁଃ ।।
ସାତ୍ୱଂ ପ୍ରସୀଦାଽଦ୍ୟ ପୁନର୍ନମନ୍ତେ ।।

ଅତଏବ ଏହା ମହାଦେବୀ ଦୁର୍ଗା ସ୍ୱୟଂ ପରଂ ବ୍ରହ୍ମ ସ୍ୱରୂପା । ଏକଥା ଦେବ୍ୟଥର୍ବ ଶୀର୍ଷରେ ସ୍ୱୟଂ ମହାଦେବୀଙ୍କ ମୁଖରେ କୁହାଯାଇଛି–

"ଅହଂ ବ୍ରହ୍ମ ସ୍ୱରୂପିଣୀ, ମତ୍ତଃ ପ୍ରକୃତିପୁରୁଷାତ୍ମକ ଜଗତ"। ଦେବୀ ଭାଗବତରେ ମଧ୍ୟ ଏହାର ପ୍ରମାଣ ଉଲ୍ଲିଖିତ ଅଛି। ଯଥା–

"ଯା ଶକ୍ତି ପରମାତୁସୌ ଯାସୌ ସା ପରମା ମତା
ଅନ୍ତରଂ ନୈତୋୟୋଃ କୋଽପି ସୂକ୍ଷ୍ମ ବେଦଚ ନାରଦ"

ଅର୍ଥାତ "ଶକ୍ତି ନିଜେ ପରମାତ୍ମାଟ, ପରମ ଶକ୍ତି ହୋଇ

ଏ ଦୁହିଙ୍କର ମଧ୍ୟରେ ପ୍ରଭେଦ, କାହାକୁ ଜଣାନାହିଁ"।

ଏହି ଶକ୍ତିମୟୀ ତ୍ରିଗୁଣାତ୍ମକ ଦୁର୍ଗାଙ୍କ ବିଷୟରେ ସାବିତ୍ରୀ ମହାକାବ୍ୟର ଶ୍ରୀ ଅରବିନ୍ଦ ଲେଖିଛନ୍ତି - "I am Durga, Goddess of pound & strong And Laxmi, the Queen of Fair & Fortunate. I wear the face of Kali when, kill. I trample the corpses of demon hordes".

ପ୍ରତିବର୍ଷ ପରେ ଏହି ଶରତର ପାର୍ବଣ ତିଥିରେ ମା ଲାସ୍ୟମୟୀ ହାସ୍ୟମୟୀ ଏଧରାପୃଷ୍ଠକୁ ମୃଣ୍ମୟୀ ସାଜି ଆସନ୍ତି ଏବଂ ଏଧରାରୁ ସମସ୍ତ ଦୁଃଖ ଦୁର୍ଦ୍ଦିନକୁ ବିନାଶ କରନ୍ତି। ମାତ୍ର ଆଜିର ସମାଜ କଳୁଷିତ । ଆଜିର ସମାଜ ଯେତେ ଉନ୍ନତିର ଉତ୍ତୁଙ୍ଗ ଶିଖରକୁ ଉଠିଥିଲେ ମଧ୍ୟ ନାରୀ ନିର୍ଯ୍ୟାତନା, ଯୌତୁକ ପରି ଘୃଣ୍ୟ ପ୍ରଥା ସର୍ବଦିଗ ବିସ୍ତୃତ । ଆଜି ପ୍ରତ୍ୟେକ କ୍ଷେତ୍ରରେ ନାରୀ ଜାତି ଲାଞ୍ଛିତ । ନାରୀଯେ ସକଳ ଶକ୍ତିର ଉତ୍ସ ଏକଥା ଗ୍ରହଣ କରିବା ପାଇଁ କେହି ପ୍ରସ୍ତୁତ ନାହାନ୍ତି । ଧର୍ମ ନାମରେ ଦ୍ୱାହି ଦେଇ ସକଳ ବ୍ୟଭିଚର ଅଶ୍ଳୀଳତା ତାର କାୟା ବିସ୍ତାର କରିବାରେ ଲାଗିଛି । ନିଜ ପରମ୍ପରାକୁ ବଜାୟ ରଖି ଯଦିଓ ଶକ୍ତିପୂଜା ଆଜି ଉତ୍କଳର ପୁରପଲ୍ଲୀ ଠାରୁ ଆରମ୍ଭ ହୋଇ ସଭ୍ୟତାର ଶେଷ ପାହାଚ ପର୍ଯ୍ୟନ୍ତ ଆଡ଼ମ୍ବର ସହକାରେ ପାଳିତ ହେଉଛି । ମାତ୍ର ଶକ୍ତିପୂଜାର ଅନ୍ତର୍ନିହିତ ଆଧ୍ୟାତ୍ମିକ ମୂଲ୍ୟବୋଧକୁ କେହି ବୁଝିବା ପାଇଁ ଅନିଚ୍ଛୁକ । ନିଷ୍ଠାନାହିଁ ପୂଜା ମଣ୍ଡପରେ ଅଶ୍ଳୀଳ ସଙ୍ଗୀତର ମୂର୍ଚ୍ଛନାରେ ନେତା ଠାରୁ ଆରମ୍ଭ କରି ଯୁବପିଢ଼ୀ ପାଶ୍ଚାତ୍ୟ ସଭ୍ୟତାର ଛାପ ନେଇ ନବସଭ୍ୟ ସମାଜ ରଙ୍ଗିନ ସୁଖରେ ମତୁଆଲ । ଡାକବାଜି ଯନ୍ତ୍ରରେ ପୂଜକର ଶ୍ଳୋକାବୃତ ଓ ଆରାଧନା ଅଶ୍ଳିଳ ସଙ୍ଗୀତର ତାଳେ ତାଳେ ଆଚ୍ଛାଦିତ । ତେବେ, ଏ ସବୁର କ'ଣ ପରିବର୍ତ୍ତନ କେବେ ହେବନି ? ଶକ୍ତି ପୂଜାର ମହତ୍ତ୍ୱକୁ ବାସ୍ତବରେ ଉପଲବ୍ଧ କଲାପରେ : ଯଦିହଁ ସେ ସମୟ କେବେ ଆସିବ ?

ମା' ଶକ୍ତିମୟୀ, ତୁ ସକଳ ଶକ୍ତିର ମୂଳମନ୍ତ୍ର । ଏ ସମାଜ ଆଜି କଳୁଷିତ, ପୃଥିବୀ ଆଜି ଧ୍ୱଂସାଭିମୁଖୀ। 'ଯା'କୁ ଉଦ୍ଧାର କର ମା' ସମସ୍ତଙ୍କ ମନରେ ଶୁଭବୁଦ୍ଧି ପ୍ରଦାନ କର ତୁମେତ ମଙ୍ଗଳଦାୟିନୀ, ମାତୃରୂପିଣୀ ଶକ୍ତି ପ୍ରଦାୟିନୀ, ସତ୍ୟପଥରେ ଆଗକୁ ଯିବା ପାଇଁ ସନ୍ତାନ ମାନଙ୍କୁ ପଥ ପ୍ରଦର୍ଶନ କରି ନୂତନ ସୃଷ୍ଟିର ସୃଜନ ସହ ଅସତ୍ୟ, ଅନ୍ୟାୟ, ଅତ୍ୟାଚରର ବିଲୟ କର ମା । ଏ ବିଶ୍ୱରୁ ମହାଭୟର ବିଲୟ ଘଟୁ, ତେଣୁ ଭକ୍ତିପୁତ ନିବେଦନ – "ନମାମି ତ୍ୱା ମହଂ ଦେବୀ ମହାଭୟ ବିନାଶିନୀମ୍"।

ସମ୍ପାଦକ, 'ମାର୍ଗଦର୍ଶୀ'
ଖୋର୍ଦ୍ଧା, ମୋ: ୮୮୯୫୫୪୭୪୯୦

# ଆନ୍ତର୍ଜାତିକ ପ୍ରାକୃତିକ ବିପର୍ଯ୍ୟୟ ହ୍ରାସ ଦିବସ
# ଆଜିର ଆହ୍ୱାନ : ବିପର୍ଯ୍ୟୟର ମୁକାବିଲା

ପ୍ରତିବର୍ଷ ଅକ୍ଟୋବର ୧୧ ତାରିଖକୁ 'ଆନ୍ତର୍ଜାତିକ ପ୍ରାକୃତିକ ବିପର୍ଯ୍ୟୟ ହ୍ରାସ ଦିବସ' ରୂପେ ପାଳନ କରାଯାଇଥାଏ । ପ୍ରାକୃତିକ ବିପର୍ଯ୍ୟୟ ହେଉଛି ଆମର ଚିର ସହଚର । ପ୍ରକୃତି ଉପରେ ବିପର୍ଯ୍ୟୟ କାଳକ୍ରମେ ଲାଗି ରହିଛି । ମାତ୍ର ପ୍ରକୃତି ଯେ ସର୍ବଦା ମନୁଷ୍ୟର ହିତ କାର୍ଯ୍ୟରେ ଆସେ ତାହା ଏ ମନୁଷ୍ୟ ଭୁଲିବାକୁ ଲାଗିଛି । ତେଣୁ ସେ ବିଷୟରେ ଜନସଚେତନା ସୃଷ୍ଟି କରିବା ଏବଂ ପ୍ରାକୃତିକ ବିପର୍ଯ୍ୟୟକୁ ହ୍ରାସ କରିବା ପାଇଁ ଉଦ୍ୟମ କରିବା ସହିତ ନିଜର କାର୍ଯ୍ୟକ୍ରମକୁ ସଂଯତ ଓ ମଧୁମୟ କରିବା ପାଇଁ ଏହି ଦିନ ଜନ ସଚେତନତା ସୃଷ୍ଟି କରାଯାଇଥାଏ । ସମଗ୍ର ପୃଥିବୀ ଭାରତ ପରି ଏକ ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା କରୁଥିବା ଗଣତାନ୍ତ୍ରିକ ରାଷ୍ଟ୍ର ହୁଏତ ଖୁବ୍ କମ୍ ଅଛନ୍ତି ଯେଉଁମାନେ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କଲାବେଳେ ନିଜର ଅଧିମ ତ୍ୟାଗ ଓ ନିଃସ୍ୱାର୍ଥପର ସେବାକୁ ପ୍ରାଥମିକତା ଦେଇଥାନ୍ତି। କେବଳ ପୃଥିବୀର ଭାରତ ନୁହେଁ ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ସୁନାମୀ ହେଉ ବା ବନ୍ୟା, ବାତ୍ୟା ହେଉ ବା ଲର୍ଭା ଉଦ୍‌ଗୀରଣ ସମସ୍ତେ ସାମ୍ନା କରିଥାନ୍ତି ଏହି ଭୟାବୟ ପ୍ରାକୃତିକ ବିପର୍ଯ୍ୟୟକୁ। ତେବେ ଆଜି ସମଗ୍ର ପୃଥିବୀରେ ଯେତେବେଳେ ଆମେ ସମସ୍ତେ ଚନ୍ଦ୍ରପୃଷ୍ଠରେ ଖଣ୍ଡେ ଜାଗା କିଣିବାକୁ ସାମର୍ଥ୍ୟ ରଖୁଛେ ସେ ସମୟରେ ଏହି ଚିନ୍ତର ମହତ୍ତ୍ୱ କେଉଁ ମୂଲ୍ୟ ପାଇଁ ?

ଆଜିକା ସମୟରେ ଆମ ସମସ୍ତଙ୍କର ଜନଜୀବନର ଚିନ୍ତନ ଓ ଦାୟିତ୍ୱବୋଧତା ଯେଉଁପରି ପ୍ରତିଟି ମୁହୂର୍ତ୍ତରେ ପ୍ରାକୃତିକ ବିପର୍ଯ୍ୟୟ ହିଁ ଭରି ରହିଛି । ତେବେ ସବୁଠାରୁ ବଡ଼ କଥା ହେଉଛି ଆମ ମାନଙ୍କର ପ୍ରତିଟି କ୍ଷଣରେ ଘଟୁଥିବା ଜୀବନ ପାଇଁ ଯେଉଁ ପ୍ରାକୃତିକ ବିପର୍ଯ୍ୟୟର ପ୍ରତିକୂଳତା ରଖିଥାଏ ସେ ମୁହୂର୍ତ୍ତକୁ କିପରି ହ୍ରାସ କରିବା ପାଇଁ ନିଜର ସାମର୍ଥ୍ୟ ରଖିବା। ଆଜି କେବଳ ଭାରତ ନୁହେଁ ସମଗ୍ର ପୃଥିବୀର ବଡ଼ ଶକ୍ତିଶାଳୀ ସାମର୍ଥ୍ୟଭରା ରାଷ୍ଟ୍ର ରଖୁଥିବା ଆମେରିକା ହେଉ ବା ଚୀନ, ରୁଷ, ଜର୍ମାନ, ଜାପାନ ପ୍ରଭୃତି ସମସ୍ତେ ଭୟାବହ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରୁଛନ୍ତି। କିନ୍ତୁ ଏହି ଭୟାବହତାକୁ ସାମ୍ନା କରୁଥିବା ସମସ୍ତଙ୍କ ଭିତରେ ଏହି ପ୍ରାକୃତିକ ବିପର୍ଯ୍ୟୟକୁ ଲଢ଼ିବା ପାଇଁ କେତେ ମାନଙ୍କ ଭିତରେ ବା ସାମର୍ଥ୍ୟ ରହିଥାଏ? ପ୍ରାକୃତିକ ବିପର୍ଯ୍ୟୟକୁ ବିରୋଧ କରିବା ପାଇଁ ଆଜିକାଲି ସୂଚନା ପ୍ରଯୁକ୍ତିର କୌଶଳ ଆମ ସମସ୍ତଙ୍କ ପାଇଁ ଢ଼େର ଘଣ୍ଟା ପୂର୍ବରୁ ସୂଚନା ପ୍ରମୁଖ ତଥ୍ୟ ଦେଇଥାଏ। କିନ୍ତୁ ଏହାର ମୂଲ୍ୟ ଆମ ମାନଙ୍କ ଉପରେ ପଡ଼ିବାର ସେପରି ସାମର୍ଥ୍ୟ ରଖିନଥାଏ। ପ୍ରାକୃତିକ ବିପର୍ଯ୍ୟୟ କ୍ଷେତ୍ରକୁ ଦେଖିଲେ ସମଗ୍ର ପୃଥିବୀର ମରୁ ଉଦ୍ୟାନ ରାଷ୍ଟ୍ର ହେଉ ବା ସମୁଦ୍ରର ସମୀପ ନିକଟବର୍ତ୍ତୀ ରାଜ୍ୟ ସମସ୍ତେ ଏହି ଦୁଃଖକୁ ସାମ୍ନା କରୁଛନ୍ତି। ଭାରତ ବର୍ଷର ଓଡ଼ିଶା ପରି ଏକ କୃଷି ବହୁଳ ରାଷ୍ଟ୍ରରେ କିଛି ବର୍ଷ ତଳେ ୧୯୯୯ରେ ଭୟାବହ



ଡ଼ଃ.ଅରୁନ୍ଧତୀ ଦେବୀ

ଆତଙ୍କ ସୃଷ୍ଟିକାରୀ ମହାବାତ୍ୟାର ତାଣ୍ଡବ ରୂପ ଏହି ଛୋଟ ରାଜ୍ୟଟିକୁ ତାର ପ୍ରଗତିରେ ପ୍ରତିବନ୍ଧକ ସାଜିଥିଲା। ପରବର୍ତ୍ତୀ ସମୟରେ ଫାଇଲିନ୍ ହେଉ ବା ହୁଡ୍‌ହୁଡ୍ ଓଡ଼ିଶା ପରି ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ପାଇଁ ସମଗ୍ର ପୃଥିବୀରେ ସହାୟତାର ଦୃଷ୍ଟାନ୍ତ ରହିଥିବା ବିଭିନ୍ନ ବ୍ୟକ୍ତିବିଶେଷ ନିଜ ସୀମାସାଧ ମତେ ବା ସଂଗଠନର ମାଧ୍ୟମରେ ସାହାଯ୍ୟ ସହଯୋଗର ହାତ ବଢ଼ାଇଥିଲେ। ତେବେ ଏ କ୍ଷେତ୍ରରେ ଅନ୍ୟ ଏକ ଦୃଷ୍ଟିକୋଣ ବି ରହିଛି ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରିବାର ଯଥେଷ୍ଟ ପୂର୍ବରୁ ଆମ ମାନଙ୍କ ଭିତରେ ଏହି ଦୁଃଖଦ ମୁହୂର୍ତ୍ତକୁ ଲଢ଼ିବା ପାଇଁ ନିଜ ସଂକଳ୍ପ ଭିତରେ ସାମର୍ଥ୍ୟ ରଖିବା। ଆଜି ଆନ୍ତର୍ଜାତିକ ପ୍ରାକୃତିକ ବିପର୍ଯ୍ୟୟ ହ୍ରାସ ଦିବସ ଅବସରରେ ଆମ ସମସ୍ତଙ୍କ ଭିତରେ ନିଜ ଜୀବନ କାଳ ଭିତରେ ପ୍ରକୃତିର ତାଣ୍ଡବକୁ ସାମ୍ନା କରୁଥିବା ଆମ ମାନଙ୍କର ପରିଚିତ ମାନବୀୟ ଦୃଷ୍ଟିକୋଣରୁ ସତୀର୍ଥ ମାନଙ୍କ ପାଇଁ ଦାୟିତ୍ୱବୋଧତା ନିଜ ସୀମା ସାଧ ଭିତରେ ତୁଲାଇବା। ଏହି ଅନୁଚିନ୍ତା ଆଜିପରି ଏକ ସ୍ମରଣୀୟ ଦିନରେ ଜାଗ୍ରତ ହେଲେ ଆମ ସମସ୍ତଙ୍କ ଭିତରେ ଭଲ ପାଇବା ଓ ସହଯୋଗର ହାତ ନିଶ୍ଚିତ ବଢ଼ିପାରିବ ବୋଲି ବିଶ୍ୱାସ କରୁଛି।

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,*
*ଦୂରଭାଷ : ୯୯୩୭୧୭୨୮୧୦*

# ମାଲଗୁଡ଼ୀର ସ୍ରଷ୍ଟା : ଆର୍.କେ.ନାରାୟଣ

ଇଂରେଜୀ ଭାଷାରେ ସାହିତ୍ୟ ସୃଷ୍ଟି କରିଥିବା ପ୍ରଥମ ପିଢ଼ିର ତିନି ଭାରତୀୟ ଲେଖକଙ୍କ ମଧ୍ୟରେ ଆର୍‌କେ ନାରାୟଣ ଜଣେ । ଅନ୍ୟ ଦୁଇ ଜଣ ହେଉଛନ୍ତି ମୁଲ୍‌କରାଜ ଆନନ୍ଦ ଓ ରାଜା ରାଓ । ଆର୍‌କେଙ୍କ ପୂରା ନାଁ ରାସୀପୁରମ୍ କୃଷ୍ଣସ୍ୱାମୀ ଅୟସ୍ୱର ନାରାୟଣସ୍ୱାମୀ । ସେ ଗୁଡ଼ିଏ ସୁପାଠ୍ୟ ଉପନ୍ୟାସ ଓ କ୍ଷୁଦ୍ର ଗଳ୍ପ ଲେଖି ଯାଇଛନ୍ତି । ନୋବେଲ୍ ବିଜେତା ମାର୍କିନ୍ ଲେଖକ ୱିଲିଅମ୍ ଫକ୍‌ନରଙ୍କ ପରି ଆର୍‌କେ ମଧ୍ୟ ନିଜର ରଚନାଗୁଡ଼ିକୁ ବାସ୍ତବ ରୂପ ଦେବା ପାଇଁ ଏକ କାଳ୍ପନିକ ସହର ସୃଷ୍ଟି କରିଥିଲେ, ଯେଉଁଟି ମାଲଗୁଡ଼ୀ ଭାବେ ବିଖ୍ୟାତ୍ । ୧୯୩୦ ବିଜୟା ଦଶମୀରେ ସେ ପ୍ରଥମେ ମାଲଗୁଡ଼ୀ ରେଳ ଷ୍ଟେସନ୍‌ର କଳ୍ପନା କରିଥିଲେ । ତାଙ୍କ ବାସ୍ତବଧର୍ମୀ ଜୀବନ୍ତ ରଚନାଗୁଡ଼ିକୁ ପଢ଼ି ଅନେକ ବିଦ୍‌ଗଧ ପାଠକ ଏହି ନାମରେ ସତସତିକା ସହରଟିଏ ଥିବା ବିଶ୍ୱାସ କରୁଥିଲେ । ଆରକେଙ୍କୁ ଫରାସୀ ଗାଳ୍ପିକ ମୋପାସଁଙ୍କ ସହ ତୁଳନା କରାଯାଏ । ବ୍ରିଟିଶ ସାହିତ୍ୟିକ ଗ୍ରାହାମ୍ ଗ୍ରିନ୍‌ଙ୍କ ସହ ତାଙ୍କର ଅନ୍ତରଙ୍ଗ ବନ୍ଧୁତା ଥିଲା । ଗ୍ରିନ୍, ତାଙ୍କର ପ୍ରଥମ ଚାରି ଉପନ୍ୟାସ 'ସ୍ୱାମୀ ଆଣ୍ଡ ଫ୍ରେଣ୍ଡସ୍', 'ଦ ବ୍ୟାଚେଲର୍ ଅଫ୍ ଆର୍ଟସ', 'ଦ ଡାର୍କ ରୁମ୍' ଓ 'ଦ ଇଂଲିଶ ଟିଚର୍' ବିଦେଶରେ ଛପାଇବାର ବ୍ୟବସ୍ଥା କରିଥିଲେ, ଯାହାଫଳରେ ବିଶ୍ୱ ସ୍ତରର ପାଠକମାନେ ତାଙ୍କ ରଚନା ସହ ପରିଚିତ ହୋଇଥିଲେ । ଗାଇଡ଼ ଉପନ୍ୟାସ ନିମନ୍ତେ ତାଙ୍କୁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ମିଳିଥିଲା । ପରେ ସେ ପଦ୍ମ ବିଭୂଷଣ ପାଇଥିଲେ ।



ଯଶସ୍ୱିନୀ ପଟ୍ଟନାୟକ

ତାଙ୍କୁ ରାଜ୍ୟ ସଭାକୁ ମଧ୍ୟ ମନୋନୀତ କରାଯାଇଥିଲା । ଆର୍‌କେଙ୍କ ପିତା ଥିଲେ ଜଣେ ସ୍କୁଲ ଶିକ୍ଷକ । ପିତାଙ୍କର ସର୍ବଦା ବଦଳି ହେଉଥିବାରୁ ଆର୍‌କେ ଆଈଙ୍କ ଘରେ ବଢ଼ିଥିଲେ । ପାର୍ବତୀ ଆଈ ତାଙ୍କର ଲାଳନପାଳନ ଭାର ଗ୍ରହଣ କରିଥିଲେ । ଶୈଶବରେ ତାଙ୍କର ଖେଳ ସାଥୀ ଥିଲେ ଗୋଟିଏ ମୟୂର ଓ ଗୋଟିଏ ଦୁଷ୍ଟ ବାନର । ତାଙ୍କର ଗେହ୍ଲା ନାଁ ଥିଲା କୁଞ୍ଜାପ୍ପା । ଆରକେଙ୍କୁ ସତେଇଶ ବର୍ଷ ହୋଇଥିବା ବେଳେ ସେ ଥରେ କୋୟଂବତୂରସ୍ଥିତ ଭଉଣୀ ଘରକୁ ବୁଲିବାକୁ ଯାଇ ରାଜମ ନାମା ପନ୍ଦର ବର୍ଷ ବୟସ୍କା ବାଳିକାଙ୍କ ସଂସ୍ପର୍ଶରେ ଆସି ତାହା ପ୍ରେମରେ ପରିଣତ ହୋଇଥିଲା। ବହୁ ପ୍ରତିବନ୍ଧ ସତ୍ତ୍ୱେ ରାଜମଙ୍କୁ ବିବାହ କରି ପରିବାର ଚଳାଇବା ପାଇଁ ଦ ଜଷ୍ଟିସ ନାମକ ଖବରକାଗଜରେ ରିପୋର୍ଟର ଭାବେ ଯୋଗଦେଇଥିଲେ । ଏହି କାଗଜ ଦଳିତମାନଙ୍କ ବିକାଶ ପାଇଁ କାମ କରୁଥିଲା । ଆର୍‌କେ ବ୍ରାହ୍ମଣ ଥିଲେ । ଏ ଭଳି ଏକ କାଗଜ ସହ ସଂପୃକ୍ତି ସେତେ ବେଳେ ଅନେକଙ୍କୁ ଚମତ୍କୃତ କରିଥିଲା । ବିବାହର ମାତ୍ର ପାଞ୍ଚ ବର୍ଷ ପରେ ଆନ୍ତ୍ରିକ ଜ୍ୱରରେ ରାଜମଙ୍କ ଦେହାନ୍ତ ହୋଇଥିଲା । ସେତେବେଳେ ଝିଅ ହେମାକୁ ତିନିବର୍ଷ । ଗଭୀର ଭାବେ ବ୍ୟଥିତ ଆର୍‌କେ ଭାଙ୍ଗି ନପଡ଼ି କନ୍ୟାର ସମସ୍ତ ଦାୟିତ୍ୱ ବହନ କରିଥିଲେ । ୧୯୦୬ ଅକ୍ଟୋବର ଆଜିର ଦିନରେ ମାଡ୍ରାସରେ ତାଙ୍କର ଜନ୍ମ ହୋଇଥିଲା ।

ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,
ସେକ୍ଟର-୮, ସିଡିଏ, କଟକ

# ଲିଭି ଯାଉଛି ମହତାବ ଆଲୁଅ....

ହଜାର ବର୍ଷର ପରିଚୟ ଓ ପରମ୍ପରାକୁ ନେଇ କଟକ ସହରର ସୁଖ୍ୟାତି। ଭାଇଚାରା ଓ ପାର୍ବଣରେ ପୁରାତନ ସମୟର ପ୍ରାଚୀନ କଳାକୌଶଳ ବ୍ୟବସ୍ଥାର ଆଦର ଥିବା ଜାଗାଟି ହେଉଛି ଆମ କଟକ ସହର। କଟକୀ ପୂଜା ପରମ୍ପରାରେ ମହତାବ ଆଲୁଅର ବ୍ୟବହାର ଢ଼େର ଦିନ ପୂର୍ବରୁ। ପରେ ପରେ ଏହା ଏକ ପରମ୍ପରାର ରୂପ ନେବା ପରେ ପ୍ରାୟତଃ କଟକର ସବୁ ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ମେଲଣ ହେଉ ବା ଭଷାଣୀ ଏହି ମହତାବ ଆଲୁଅର ବ୍ୟବହାର କିନ୍ତୁ କମ୍ ଲୋକପ୍ରିୟତା ସାଉଁଟି ନାହିଁ। କଟକ ସହରରେ ପାଳିତ ହେଉଥିବା ଦୀର୍ଘ ଦଶନ୍ଧି ସମୟର ଦୁର୍ଗାପୂଜା ହେଉ ବା ଗଣେଶ ମେଲଣ, କାଳୀପୂଜା ହେଉ ବା କାର୍ତ୍ତିକେଶ୍ୱର ସବୁଠି ମେଲଣ ଆଉ ମେଲାଣୀରେ ମହତାବର ଝିଲିମିଲି ଆଲୁଅ ସମସ୍ତଙ୍କୁ ବିମୋହିତ କରିଥାଏ। କହିବାକୁଗଲେ ଏହି ମହତାବ ଆଲୁଅର ପ୍ରଚଳନ ଆଉ ଜନ୍ମଜାତକ ସମ୍ବନ୍ଧରେ ସେପରି କିଛି ଖାସ ବା ପାରମ୍ପରିକ ଇତିହାସର ତଥ୍ୟ କେଉଁଠି ଲେଖା ହୋଇନି। କିନ୍ତୁ କେଜାଣି କାହିଁକି ହଜାର ବର୍ଷର ପରିଚୟର ଗର୍ବିତ ଆଉ ସମୃଦ୍ଧ ଏହି କଟକ ସହରରେ ମହତାବ ଆଲୁଅକୁ ନେଇ ଲୋକମୁଖରେ ଭେଳିକି ଭେଳିକି ଲୋକକଥା ଶୁଣାଶୁଣି ହୁଏ। କେହି କେହି କୁହନ୍ତି ଏହା ମୋଗଲ ସାମ୍ରାଜ୍ୟ ସମୟରୁ ଆସିଛି। ଆଉ କେହି କେହି ବାବରଙ୍କ ଶାସନ ପରମ୍ପରା ଅମଳର ବୋଲି କୁହନ୍ତି। କିନ୍ତୁ ସେଭଳି କିଛି ଐତିହାସିକ ବା ସାଂସ୍କୃତିକ ଲିପିବଦ୍ଧ ହୋଇଥିବା କୌଣସି ପ୍ରମାଣ ନାହିଁ। କଟକର ଅନେକ ସାହିର ପୁରୁଖା ମୁରବୀମାନେ କୁହନ୍ତି ଯେ ସେମାନେ ତାଙ୍କ ଗୋସାଇଁ ବାପା ବା ଅଜାଙ୍କ ଅମଳରୁ ଶୁଣି ଆସିଛନ୍ତି ବା ଦେଖିଆସିଛନ୍ତି କିନ୍ତୁ ଗୋଟିଏ କଥାରେ ସମସ୍ତେ ହିଁ ଏକ ମତ ତାହା ହେଉଛି ଏହି ପାର୍ବଣ ସମୟରୁ ହିଁ ମହତାବ ଆଲୁଅର ସୃଷ୍ଟି। ଦିନ ଥିଲା କଟକୀ ମେଢ଼ ବୋଇଲେ ମା'ଙ୍କ ବିସର୍ଜନ ପର୍ବରେ ନାଲି ମୋହରମ ରାସ୍ତା ଉପରେ ଶୋଭାଯାତ୍ରା କିନ୍ତୁ ବେଶ ଜାକଜମକ ରୂପ ନେଉଥିଲା। କିନ୍ତୁ କିଛି ପୁରୁଣା ସମୟର କଟକୀଆଙ୍କ କହିବାନୁଯାୟୀ ମହତାବ ଆଲୁଅ ହେଉଛି ଏକତା, ଭାଇଚାରା ଓ କଟକୀ ଖାନ୍‌ଦାନୀର ଏକ ଅନବଦ୍ୟ ପାରମ୍ପରିକ ଅଂଶବିଶେଷ। ସେ ସମୟର ମେଲଣ ପଡ଼ିଆରେ ଦୁଇ ସାମ୍ନା ସାମ୍ନି ଶୋଭଯାତ୍ରାକାରୀମାନେ ମହତାବ ଆଲଅ ଦେଖାଇ ଏକ ପ୍ରକାର ଶ୍ରେଷ୍ଠତାର ପ୍ରଦର୍ଶନ କରୁଥିଲେ। ନିଜ ସହ ଆଣିଥିବା ମହତାବକୁ ବିଧିବଦ୍ଧ ଭାବେ ତା'ପାଇଁ ତିଆରି ହୋଇଥିବା ଷ୍ଟାଣ୍ଡରେ ରଖି ଆକାଶ ମୁହାଁ କରିଥାନ୍ତି। ସେ ସମୟରେ ସହରର ବଡ଼ ବଡ଼ ଛକ କୁହାଯାଉଥିବା ଚୌଧୁରୀ ବଜାର, ବାଲୁବଜାର, ଚାନ୍ଦିନୀଚୌକ, ମଙ୍ଗଳାବାଗ, ଗୌରୀଶଙ୍କର ପାର୍କ ପରି ସ୍ଥାନରେ ପ୍ରଦର୍ଶିତ ହେଉଥିବା ମହତାବ ଆଲୁଅ ଅତ୍ୟନ୍ତ ଆକର୍ଷଣୀୟ ଓ ମନମୁଗ୍ଧକର। ତେବେ ସାହି କମିଟିର କେତେକ ମୁରବୀ ଯାହା କୁହନ୍ତି ତାଙ୍କ କଥାନୁଯାୟୀ ଆଗରୁ ମା'ଦୁର୍ଗାଙ୍କ ମେଢ଼ ଦିନରେ ବିସର୍ଜିତ ହେଉଥିଲା କିନ୍ତୁ କାଳୀ ମେଢ଼ ପ୍ରଥମରୁ ହିଁ ରାତିରେ ବିସର୍ଜନ ହେବାର ପରମ୍ପରା ରହିଛି। ସେ ସମୟରେ ଲୋକବାକ ରୁଣ୍ଡ ହେଉଥିବା ଚାନ୍ଦିନୀଚୌକ ଆଉ ଗୌରୀଶଙ୍କର ପାର୍କ ପରି ବଡ଼ ବଡ଼ ପ୍ରଶସ୍ତ ଯାଗାରେ ଏହି ମନମୁଗ୍ଧକର ମହତାବ ଆଲୁଅର ଭାରି ପ୍ରିୟତା ଥିଲା। ଅନେକ ହୁଏତ ଜାଣି ନଥିବେ ସେ ସମୟର କଟକୀ ମେଢ଼ ପରମ୍ପରାରେ ଯେଉଁ ସାହି ଅଧିକ ପରିମାଣର ଓ ଆକର୍ଷଣୀୟ ମହତାବ ଆଲୁଅ ଆଣିଥାନ୍ତି ଏହା ତାଙ୍କ ଖାତିରଦାରୀକୁ ବେଶ ବଢ଼ାଇଥାଏ। ଅନେକ ବୟସ୍କ ତଥା କଳାନିପୁଣ ସମ୍ପନ୍ନ ବ୍ୟକ୍ତିମାନେ ନିଜ ହାତରେ ମହତାବ ତିଆରି କରନ୍ତି ନିଜ ସାହିର ମେଢ଼ ପାଇଁ। ଯେପରି ମଙ୍ଗଳାବାଗ ପୁରାତନ ସମୟରୁ ରୂପେଲି ଜରି କରିବା ସହ ନୀଳରଙ୍ଗର ମହତାବ ଆଲୁଅର ପ୍ରଦର୍ଶନ କରୁଥିଲେ। କିନ୍ତୁ ୧୯୫୦ ମସିହାରେ ଏହି କମିଟି ପକ୍ଷରୁ ସୁନେଲି ଜରି ମେଢ଼ର ପରମ୍ପରା ଆରମ୍ଭ ହୋଇଥିଲା। ମହତାବ ଆଲୁଅ କଟକୀ ମେଢ଼ ଭଷାଣୀର ଏକ ପାରମ୍ପରିକ ଅଂଶବିଶେଷ। ତେବେ ପ୍ରଶାସନିକ କଟକଣା ରହିଲେ ଏହାର ପ୍ରଚଳନ ବନ୍ଦ ହୋଇଥାଏ।



ନାରାୟଣ ଚନ୍ଦ୍ର ବିଶ୍ୱାଳ

ଅନେକ ହୁଏତ ଜାଣିନଥିବେ ଯେ ଏହି ମହତାବ ଆଲୁଅଟି କ'ଣ ? ତା' ବିଷୟରେ ଦୁଇଧାଡ଼ି ଲେଖୁଛି। ସାଧାରଣତଃ ଲୋକମାନେ ମହତାବକୁ ଏକ ରଞ୍ଜକ ବୋଲି ଭାବନ୍ତି କିନ୍ତୁ ବାସ୍ତବରେ ଏହା ରଞ୍ଜକ ନୁହେଁ। ଏହା ପାଇଁ ନାନା ଜିନିଷର ଦରକାର ପଡ଼ିଥାଏ। ଯାହାକୁ ଏହାକୁ ତିଆରି କରୁଥିବା ବାଲା କୁହନ୍ତି ମସଲା। ଲାଖ, ଗନ୍ଧକ, ସୁରା, ଫସଫରସ, ଅରଖଗଛର କୋଇଲା ଓ ଏକ ପ୍ରକାର ଝୁରୁଝୁରି ତା ସହିତ ନିର୍ଦ୍ଦିଷ୍ଟ ଭାଗମାପ ଓ ପ୍ରସ୍ତୁତି ପ୍ରଣାଳୀ ବି ରହିଛି। କାରଣ ଟିକିଏ ପ୍ରସ୍ତୁତିର ମାତ୍ରା ଏପଟ ସେପଟ ହୋଇଗଲେ ଦୁର୍ଘଟଣା ବଡ଼ ସମ୍ଭାବନା ଥାଏ। ଅତୀତରେ ଏହାର ନଜିର ଅନେକ ଅଛି। ସେହିପରି ପଟାସ୍ ଏହି ପ୍ରସ୍ତୁତିରେ ମୁଖ୍ୟ ଦାୟିତ୍ୱ ତୁଲାଇଥାଏ। କିନ୍ତୁ ମହତାବ ଆଲୁଅର ସାଜ ସରଞ୍ଜାମ କେହି କେହି ପଶ୍ଚିମବଙ୍ଗରୁ ଆମଦାନୀ ହଉଥିବାବେଳେ ଅଧିକାଂଶଙ୍କ ମତ ହେଉଛି ଏହା ପାଇଁ କଟକରେ ସବୁ ସାରଞ୍ଜାମ ରହିଛି। ମହତାବ ଆଲୁଅ କୁହାଯାଉଥିବା ଜିନିଷଟି ଲୋକମୁଖରେ ତା' ନାଁ ନିଆଁ ବନାଟୀ। ତେବେ ବର୍ତ୍ତମାନ ସେ ସମୟର ମହତାବ ଆଲୁଅର ଖୋଜାଲୋଡ଼ା ଏକ ପ୍ରକାର ଫିକା ପଡ଼ିଗଲାଣି। ଦଶହରା ଭଷାଣୀରେ କ୍ୱଚିତ ଏହାକୁ ଦେଖିବାକୁ ମିଳୁଛି। ବର୍ତ୍ତମାନ ଇଲେକ୍ଟ୍ରିର ରଙ୍ଗୀନ ଆଲୁଅ ଏକ ପ୍ରକାର ମହତାବ ଆଲୁଅର ସ୍ଥାନ ନେଇଛି କୁହାଯାଉଥିବାବେଳେ କିନ୍ତୁ ସେ ସମୟର ମହତାବ ଆଲୁଅର କୌଣସି ବିକଳ୍ପ ହିଁ ନାହିଁ। କଟକ ଦଶହରାର ଇତିହାସ ଓ ଜନ୍ମକୁଣ୍ଡଳୀକୁ ବେଶ ମନେରଖିଥିବା କିଛି ପୁରୁଖା ବାସିନ୍ଦାଙ୍କ ମତ ଅନୁଯାୟୀ ଆଗ କାଳରେ ଧଳା ମହତାବର ବେଶ ବ୍ୟବହାର ହେଉଥିଲା ପରେ ଯଦିଓ ରୂପେଲିର ଝିଲିମିଲି କଳାକୌଶଳ ଲୋକଙ୍କ ପାଇଁ ମୁଗ୍ଧକର ହେଲା। କିନ୍ତୁ ଯେତେ ଯାହାହେଲେ ବି ରୂପେଲି ଜରି ମେଢ଼ର ଧଳା ମହତାବର ଆକର୍ଷଣୀୟ ଚମକ କିନ୍ତୁ ଆଉ ନାହିଁ। ସର୍ବପ୍ରଥମେ ବ୍ୟବହାର ହେଉଥିବା ସେ ସମୟର ମଙ୍ଗଳାବାଗ ମେଢ଼ର ଲାଲ ମହତାବର ଏକ ସ୍ୱତନ୍ତ୍ରତା ରହିଥିଲା। ସ୍ୱାଧୀନତା ପୂର୍ବରୁ କଟକୀ ପରମ୍ପରାରେ ଏହାର ସ୍ଥାନ ବେଶ ସୁଦୃଢ଼ ଥିଲା। ବର୍ତ୍ତମାନ ବି କଟକର କଳୀଗଳି, ବାଲୁବଜାର ପରି ଜାଗାରେ କିଛି ଲୋକ ଏହି ମହତାବ ଆଲୁଅ ତିଆରିକୁ ଏକ ପ୍ରକାର ଜୀବନ ଜୀବିକା ଭାବେ ଆଦରି ନେଇଛନ୍ତି। କିନ୍ତୁ ଆଜିର ଆଲୁଅର ଚକମକ ଯୁଗରେ ସେହି ମହତାବ ବା ନିଆଁ ବନାଟୀ ଆଉ ସେପରି ଦେଖିବାକୁ ମିଳୁନି। କେହି କେହି ସାହି ମଣ୍ଡପର ଦୁର୍ଗାମେଢ଼ ବା ହରପାର୍ବତୀଙ୍କ ମେଢ଼ରେ ମହତାବ ଆଲୁଅର ଧୂଆଁ କିଛିକାଂଶରେ ପ୍ରଦୂଷିତ କରିବା ସହ ମୂର୍ତ୍ତି ଏକ ପ୍ରକାର କଳା ପଡ଼ିଯାଉଛି। ମହତାବ ଆଲୁଅ ନିଶ୍ଚିନ୍ତ ଭାବରେ ଏକ କଟକୀ ପରମ୍ପରା, ସଂସ୍କୃତି ଓ ଆଧ୍ୟାତ୍ମିକ ଭାବନାର ପ୍ରତୀକ। ଆଜିକାଲିକା ସମୟରେ ଯେତେ ପ୍ରକାର ଇଞ୍ଜିନିୟରିଂ ବିଦ୍ୟା ହେଉ ବା କମ୍ପ୍ୟୁଟର ବିଦ୍ୟା, ମହତାବ ଆଲୁଅର ବିକଳ୍ପ କୌଣସି ଚକମକ କରୁଥିବା ବିଜୁଳିବତୀର ସମକକ୍ଷ ନୁହେଁ। ଆଉ ଆଜିକାଲିକା ଯେଉଁ ଭଷାଣୀ ହେଉଛି ତା'ସହ ପ୍ରଶାସନିକ ତତ୍ପରତା ଯୋଗୁଁ ଏହି ମହତାବ ଆଲୁଅକୁ ଅନେକାଂଶରେ ବନ୍ଦ କରିଦିଆଯାଇଛି। ଏହାର ବଡ଼ କାରଣ ହେଉଛି ଅତ୍ୟନ୍ତ ଅହିତକାରକ ଓ ବିଷାକ୍ତ ଧୂଆଁର କୁଣ୍ଡଳୀ ସୃଷ୍ଟି ହୋଇଥାଏ ଯାହାଦ୍ୱାରା ପରିବେଶ ପ୍ରଦୂଷଣ ହୋଇଥାଏ। ଦ୍ୱିତୀୟତଃ ବେଳେ ବେଳେ ଭଷାଣୀ ସମୟରେ ବର୍ଷା ବିପ୍ରାଓ ଦେଖାଦେଲେ ଏହି ମହତାବ ଆଲୁଅ ଲିଭି ଯିବାର ସମ୍ଭାବନା ଥାଏ। ଓଡ଼ିଆ ଜାତି ନିଜ ସଂସ୍କୃତି, ପରମ୍ପରା, ଚାଲିଚଳନ ଓ ଆଦବକାଇଦାକୁ ଭୁଲୁ ନଥିବାବେଳେ ପରମ୍ପରାର ମହତାବ ଆଲୁଅ ଏବେ ବି ଖୋଜା ପଡୁଛି।

*କଟିକଟା, ମଙ୍ଗଳପୁର, ଯାଜପୁର,*
*ଦୂରଭାଷ : ୯୪୩୮୨୭୬୭୬୦*




# ଆର୍.ଆର୍.ଟି.ସି ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଆଠ ଦିନିଆ ୱେବିନାର ବ୍ୟୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ଦ୍ୱାରା ଉଦ୍‌ଘାଟିତ







ଭୁବନେଶ୍ୱର(ପିଏନ)- ଆଜି ଏନ୍.ଆର୍.ସି.ଡବ୍ଲ୍ୟୁ.ଡି ଦ୍ୱାରା ପରିଚାଳିତ ଆର୍.ଆର୍.ଟି.ସି ତରଫରୁ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟ, ଭାରତ ସରକାରଙ୍କ ସହଯୋଗରେ ଭୁବନେଶ୍ୱରସ୍ଥ ଆର୍.ଆର୍.ଟି.ସି ସଭାଗୃହରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ପଦ୍ମଶ୍ରୀ ଡକ୍ଟର ପ୍ରଫୁଲ୍ଲ କୁମାର ଜେନା ଓ ଡକ୍ଟର ସେବା ମହାପାତ୍ରଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଗୁଗୁଲ୍ ମିଟ୍ ଜରିଆରେ ଆଠଦିନିଆ ୱେବିନାର୍ ଶୁଭ ଉଦ୍‌ଘାଟିତ ହୋଇଯାଇଛି । ଉକ୍ତ ୱେବିନାର୍‌ରେ ଅନ୍ୟୁନ ୪୦ରୁ ୫୦ ଲୋକ ଯଥା ବ୍ୟୟୋଜ୍ୟେଷ୍ଠ ବ୍ୟକ୍ତି, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତା, ବରିଷ୍ଠ ନାଗରିକ ବାସସ୍ଥାନର ଅନ୍ତେବାସୀଗଣ, ସାମାଜିକ କର୍ମୀ, ଗଣମାଧ୍ୟମ ପ୍ରତିନିଧିବୃନ୍ଦ, ସରକାରୀ କର୍ମଚାରୀ ବୃନ୍ଦ, ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିଲେ । ଆୟୋଜିତ ହୋଇଥିବା ଏହି ୱେବିନାର୍‌ରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଡଃ ପ୍ରଫୁଲ୍ଲ କୁମାର ଜେନା ଯୋଗଦାନ କରିଥିବା ବେଳେ ଡକ୍ଟର ସେବା ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଡକ୍ଟର ଜେନା କହିଲେ ଯେ, ସେ ୯୦ ବର୍ଷରେ ପହଂଚିଥିଲେ ମଧ୍ୟ ଏବେ ବୈଦିକ ଓ ଦୈନିକ କାର୍ଯ୍ୟକ୍ରମରେ ନିଜର ଅଭ୍ୟାସ ଅବ୍ୟାହତ ରଖିଛନ୍ତି । ଏତଦ୍ ବ୍ୟତୀତ ସେ ଗୁରୁତ୍ୱର ସହ କହିଥିଲେ ଯେ, ବରିଷ୍ଠ ନାଗରିକଙ୍କର ଅଭିଜ୍ଞତାକୁ ପାଥେୟ କରି ସାମାଜିକ ସେବା, ଜ୍ଞାନକୌଶଳର ବିକାଶ, ସ୍ୱାସ୍ଥ୍ୟସେବା, ଶିକ୍ଷାପ୍ରଦାନ, ବୃକ୍ଷରୋପଣ ଆଦି କାର୍ଯ୍ୟରେ ନିୟୋଜିତ କରାଯିବା ଉଚିତ୍ । ୬୦ବର୍ଷରେ ଅବସର ଗ୍ରହଣ କଲେ ମଧ୍ୟ ବହୁ ବରିଷ୍ଠ କର୍ମଚାରୀ ଆଗକୁ କାମ କରିବାର ଦକ୍ଷତା ଥିବାଯୋଗୁଁ ସେମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିବା ଉଚିତ୍ । ଠିକ୍ ସେହିପରି ଡକ୍ଟର ମହାପାତ୍ର ଅବଗତ କରାଇଥିଲେ ଯେ, ସମଗ୍ର ବିଶ୍ୱରେ ୨୦୫୦ମସିହା ସୁଦ୍ଧା ବରିଷ୍ଠନାଗରିକଙ୍କ ସଂଖ୍ୟା ୧୫୦କୋଟିରେ ପହଂଚିବ । ଏପରି ଆକଳନରୁ ଜଣାଯାଉଛି ଯେ, ୨୦୫୦ମସିହା ବେଳକୁ ବରିଷ୍ଠନାଗରିକଙ୍କ ସଂଖ୍ୟା ଭାରତବର୍ଷରେ ମୋଟ୍ ଜନସଂଖ୍ୟାର ଶତକଡା ୨୦ପ୍ରତିଶତ ବୃଦ୍ଧି ପାଇବ । ଏହାଛଡା କୋଭିଡ୍ ମହାମାରୀ ସମୟରେ ବରିଷ୍ଠ ନାଗରିକମାନଙ୍କର ଯଥେଷ୍ଟ ସ୍ୱାସ୍ଥ୍ୟର ଯତ୍ନର ଆବଶ୍ୟକତା ରହିଛି ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ଏଠାରେ ପ୍ରକାଶ ଯୋଗ୍ୟ ଯେ, ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟର ଅତିରିକ୍ତ ସଚିବ ଶ୍ରୀମତୀ ଉପମା ଶ୍ରୀବାସ୍ତବ ସମ୍ମାନୀତ ଅତିଥିଭାବେ ଯୋଗ ହେବାର କାର୍ଯ୍ୟକ୍ରମ ଥିଲା ମାତ୍ର କିଛି ଯାନ୍ତ୍ରିକ ତୃଟି ଯୋଗୁଁ ସେ ଆଜିର କାର୍ଯ୍ୟକ୍ରମରେ ଯୋଗ ଦେଇ ପାରି ନ ଥିଲେ କିନ୍ତୁ ଆସନ୍ତା କାଲିର କାର୍ଯ୍ୟକ୍ରମରେ ସେ ଯୋଗ ଦେବେ ବୋଲି ନିର୍ଭର ପରତିଶୃତି ଦେଇଛନ୍ତି । ଏହି ୱେବିନାର୍ ଦୀର୍ଘ ଆଠ ଦିନ ଧରି ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ଦିବା ୧ଘଟିକା ପର୍ଯ୍ୟନ୍ତ ଗୁଗୁଲ୍ ମିଟ୍ ଜରିଆରେ ବରିଷ୍ଠ ନାଗରିକଙ୍କ ବିଭିନ୍ନ ମୁଦ୍ଦାକୁ ନେଇ ଅଭିଜ୍ଞ ରିସୋର୍ସ ପର୍ସନମାନଙ୍କ ଦ୍ୱାରା ଆଲୋଚନା କରାଯିବ । ଏହି ଆଲୋଚନାରେ ଭାଗ ନେବାକୁ ଚାହୁଁଥିବା ବ୍ୟକ୍ତିମାନେ ନିମ୍ନୋକ୍ତ ଲିଙ୍କ୍‌ରେ ଯୋଗ ଦେବାକୁ ଅନୁରୋଧ । ଲିଙ୍କ୍‌ଟି ହେଉଛି- https://meet.google.com/mfz-zcin-vpg । ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଶ୍ରୀଯୁକ୍ତ ନାଗେଶ୍ୱର ପଟ୍ଟନାୟକ ସଂଚାଳନ କରିଥିଲେ ଓ ଆଶା ପ୍ରକାଶ କରି କହିଥିଲେ ଯେ, ଭାରତ ସରକାର ଆଣୁଥିବା ନୂତନ ନାଗରିକ ନୀତି ନିଶ୍ଚୟ ପ୍ରଗତିଶୀଳ ହେବ । ଏହି ୱେବିନାର୍‌ରେ ଆଲୋଚିତ ହେବାକୁ ଥିବା ବିଷୟବସ୍ତୁ ଗୁଡିକୁ ଆଗାମୀ ସାତ ଦିନରେ ବରିଷ୍ଠ ଆଇନଜିବୀ ସଂଜିବ୍ ରାଉତ, ସିଦ୍ଧାର୍ଥ ଦାସ, ହେଲପ୍ ଏଜ୍ ଇଣ୍ଡିଆର ରାଜ୍ୟ ମୁଖ୍ୟ ଶ୍ରୀମତୀ ଭାରତୀ ଚକ୍ର, ବିଶିଷ୍ଟ ମନୋତତ୍ତ୍ୱବିଦ୍ ଡକ୍ଟର ପ୍ରକାଶ ରଥ, ଡକ୍ଟର ଅରବିନ୍ଦ ମହାନ୍ତି, ଡକ୍ଟର ହରିଶ୍ ଚୌଧୁରୀ, ଡକ୍ଟର ଅମୃତ୍ ପଟ୍ଟଯୋଶୀ, ଡକ୍ଟର ବିଶ୍ୱଭୂଷଣ ପ୍ରଧାନ, ଡକ୍ଟର ଅମ୍ଳାନ୍ ମାଇତି, ଡକ୍ଟର ଝରଣା ସ୍ୱାଇଁ, ବରିଷ୍ଠ ରାଜନୀତି ବିଜ୍ଞାନୀ ତଥା ପ୍ରଫେସର୍ ସୂର୍ଯ୍ୟନାରାୟଣ ମିଶ୍ର, ଅବସରପ୍ରାପ୍ତ ଆଇ.ଏ.ଏସ୍ ଅଫିସର୍ ଶ୍ରୀ ଯୁଗଳ କିଶୋର ମହାପାତ୍ର ଓ ଶ୍ରୀ ବିବେକ ପଟ୍ଟନାୟକ , ବରିଷ୍ଠ ସମାଜସେବୀ ଇମ୍ରାନ୍ ଅଲ୍ଲୀ ଓ ଶ୍ରୀମତୀ ଗୀତା ପ୍ରହରାଜ ପ୍ରମୁଖ ରିସୋର୍ସ ପର୍ସନ ଭାବେ ଆଲୋଚନାରେ ଅଂଶଗ୍ରହଣ କରି ଅତି ପ୍ରାଞ୍ଜଳ ଭାବେ ବିଷୟଗୁଡିକୁ ଅଂଶଗ୍ରହଣକାରୀଙ୍କ ସମ୍ମୁଖରେ ଉପସ୍ଥାପନ କରିବେ ବୋଲି ନିର୍ଭର ପ୍ରତିଶୃତି ଦେଇଛନ୍ତି । ଏହି ୱେବିନାର୍‌ରେ ଅଧିକ ସଂଖ୍ୟାରେ ଭାଗ ନେଇ ୱେବିନାର୍‌କୁ ସଫଳ କରିବାକୁ ଆୟୋଜକ ଆଶା ପ୍ରକାଶ କରିଛନ୍ତି । ଶେଷରେ ଏନ୍.ଆର୍.ସି ଡବ୍ଲ୍ୟୁ.ଡିର ସମ୍ପାଦକ ଶ୍ରୀଯୁକ୍ତ ସୁକାନ୍ତ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଆର୍.ଆର୍.ଟି.ସିର ପ୍ରକଳ୍ପ ସଂଯୋଜିକା ବାସନ୍ତୀ ବେହେରା ୱେବିନାର୍‌କୁ ସୁଚାରୁରୂପେ ପରିଚାଳନା କରିଥିଲେ ।

## ପୁରୀ-ଅହମ୍ମଦାବାଦ ସ୍ପେଶାଲ ଶ୍ରମିକ ଟ୍ରେନ୍ ରେ ବ୍ରହ୍ମପୁରରୁ ସୁରତ ଯାତ୍ରା କଲେ ୧୪୩୯ ଯାତ୍ରୀ

ଗଞ୍ଜାମ, (ପିଏନ)- ପୁରୀ-ଅହମ୍ମଦାବାଦ ସ୍ପେଶାଲ ଶ୍ରମିକ ଟ୍ରେନ୍ ଗତକାଲି ରାତି ୮ଟା ରେ ବ୍ରହ୍ମପୁର ଷ୍ଟେସନରେ ପହଂଚିଥିଲା । ପୂର୍ବରୁ ଟ୍ରେନ୍ କୁ ଅପେକ୍ଷା କରିଥିବା ଶହସ୍ରାଧିକ ଯାତ୍ରୀ ଟ୍ରେନ୍ ରେ ଚଢ଼ିଥିଲେ । ମୁଖ୍ୟତଃ ସୁରତ ଯିବାକୁ ଚାହୁଁଥିବା ପ୍ରବାସୀ ଶ୍ରମିକ ମାନେ ମହିଳା ଓ ପିଲାଛୁଆଙ୍କ ସହିତ ସଂରକ୍ଷିତ ଟିକେଟ୍ କରି ଟ୍ରେନ୍ ରେ ଚଢ଼ିଥିଲେ । ବ୍ରହ୍ମପୁର ଷ୍ଟେସନ ମ୍ୟାନେଜର ଦୁର୍ଗାପ୍ରସାଦ ବ୍ରହ୍ମାଙ୍କ ସୂଚନା ମୁତାବକ ମୋଟ୍ ୧୪୩୯ ଯାତ୍ରୀ ଏହି ଟ୍ରେନ୍ ରେ ବ୍ରହ୍ମପୁର ଷ୍ଟେସନରୁ ଯାତ୍ରା କରିଛନ୍ତି । ଥର୍ମାଲ୍ ସ୍କ୍ରିନିଂ, ସାମାଜିକ ଦୂରତା, ମାସ୍କ ପରିଧାନ, ବିଶୋଧନ ଆଦି ପ୍ରତି ବିଶେଷ ଧ୍ୟାନ ରଖାଯାଇଛି ବୋଲି କହିଛନ୍ତି ଷ୍ଟେସନ୍ ମ୍ୟାନେଜର । ଦୀର୍ଘ ୪ ମାସ ପରେ ଏହି ପ୍ରବାସୀ ଶ୍ରମିକମାନେ ପୁଣି ଥରେ କର୍ମସଂସ୍ଥାନ ପାଇଁ ଗୁଜୁରାଟ ତଥା ସୁରତ ଅଭିମୁଖେ ଯାତ୍ରା କରୁଥିବାରୁ ଗଞ୍ଜାମ ଜିଲ୍ଲା ବିଜେପି ପକ୍ଷରୁ ଯାତ୍ରୀ ମାନଙ୍କୁ ଶୁଭକାମନା ଜ୍ଞାପନ କରାଯାଇଥିଲା ।

## ୨ବର୍ଷର ଝିଅ ଦେହରେ ୨୮ ଥର ବ୍ୟାଣ୍ଡେଜ ଘଟଣା
# ଚିକିତ୍ସା ପାଇଁ ପ୍ରଶାସନର ପ୍ରସ୍ତୁତି ଆରମ୍ଭ

କନ୍ଧମାଳ,(ପିଏନ)- ଦାରିଙ୍ଗବାଡ଼ି ବ୍ଲକ ହାତୀମୁଣ୍ଡା ପଂଚାୟତ ଅର୍ନ୍ତଗତ ଡାହୁ ଗ୍ରାମର ୨ବର୍ଷର ଝିଅ ସାଲୁନିକା ପ୍ରଧାନ । ଜନ୍ମ ହେବାର ୧୩ଦିନ ପର ଠାରୁ ଝିଅକୁ କେହି ଧରିଲେ ଦେହର ହାଡ଼ଗୁଡ଼ିକ ଭାଙ୍ଗିଯାଉଛି । ସେଥିପାଇଁ ୨ବର୍ଷର ଝିଅର ହାତ, ଗୋଡ଼ ସମେତ ଶରୀରର ବିଭିନ୍ନ ଅଙ୍ଗରେ ୨୮ଟି ବ୍ୟାଣ୍ଡେଜ୍ ପଡ଼ିଛି । ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସାଲୁନିକାର ସମସ୍ତ ଚିକିତ୍ସା ମାଗଣାରେ କରିବା ପାଇଁ କଟକ ଜିଲ୍ଲା ଓଲଟପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁର୍ନବାସ ପ୍ରଶିକ୍ଷଣ ଓ ଅନୁସନ୍ଧାନ ସଂସ୍ଥା(ନିରତାର) ନିଜ ତରଫରୁ ଏନେଇ କନ୍ଧମାଳ ଜିଲ୍ଲା ପ୍ରଶାସନକୁ ଚିଠି ଲେଖିଛନ୍ତି । ନିରତାର୍‌ର ନିର୍ଦ୍ଦେଶକ ଡାକ୍ତର ଶକ୍ତି ପ୍ରସାଦ ଦାସ ସାଲୁନିକାର ଏଭଳି ବିରଳ ରୋଗ ସର୍ମ୍ପକରେ ଗଣମାଧ୍ୟମରୁ ଜାଣିବା ପରେ ସଂସ୍ଥାର ବୈଷୟିକ ନିର୍ଦ୍ଦେଶକ କିଶୋର ଚନ୍ଦ୍ର ମହାପାତ୍ରଙ୍କ ସହିତ ଆଲୋଚନାକରିଥିଲେ । ଏହାପରେ ସେ ଫୁଲବାଣୀ ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର(ଡିଡିଆରସି)ର ଅଧିକ୍ଷକ ଅକ୍ଷୟ କୁମାର ପଣ୍ଡାଙ୍କ ସହିତ ଯୋଗାଯୋଗ କରି ସାଲୁନିକାକୁ ଓଲଟପୁରକୁ ପଠାଇବାର ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ । ପରେ ସେ କନ୍ଧମାଳ ଜିଲ୍ଲାପାଳଙ୍କୁ ମଧ୍ୟ ଏକ ଚିଠିଲେଖି ପୀଡ଼ିତା ଝିଅକୁ ସଂସ୍ଥାକୁ ପଠାଇଲେତାହାର ଚିକିତ୍ସା ସଂସ୍ଥା ତରଫରୁ ସମ୍ପୁର୍ଣ୍ଣ ମାଗଣାରେ କରାଯିବ ବୋଲି କହିଛନ୍ତି । ସଂସ୍ଥା ଠାରୁ ଚିଠି ପାଇବା ପରେ ଜିଲ୍ଲାପାଳ ମଧ୍ୟ ତୁରନ୍ତ ତତ୍ପରତା ପ୍ରକାଶ କରି ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ଖୁବ ଶୀଘ୍ର ପୀଡ଼ିତା ଝିଅ ସାଲୁନିକାକୁ ଓଲଟପୁର ସ୍ଥିତ ନିରତାର୍ କୁ ପଠାଇବା ବ୍ୟବସ୍ଥା କରୁଥିବା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି । ଏଭଳି ସ୍ଥଳେ ଆସନ୍ତା ସୋମବାର କିମ୍ବା ମଙ୍ଗଳବାର ଦିନ ସାଲୁନିକାର ଚିକିତ୍ସା ପାଇଁ କଟକ ସ୍ଥିତ ଓଲଟପୁରକୁ ନିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ୩ ବର୍ଷ ହେଲା ଭାଙ୍ଗି ଯାଇଥିବା କସଲକୋଣ୍ଡା ବ୍ରିଜ ଓ ରାସ୍ତା ମରାମତି ପାଇଁ ଦାବୀ

ମାଲକାନଗିରି, (ପିଏନ)-ଗତ ୩ ବର୍ଷ ତଳେ ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଚିନ୍ତଲବାଡା ପଂଚାୟତ କସଲକୋଣ୍ଡା ଗାଁ ମୁଖ୍ୟ ରାସ୍ତା କୁ ସଂଯୋଗ କରୁଥିବା ଗମ୍ପାକୋଣ୍ଡା କେନାଲ ରାସ୍ତାରୁ ଯାଇଥିବା ଗ୍ରାମ୍ୟ ଉନୟନ୍ନ ବିଭାଗ ର ରାସ୍ତା ଓ ବ୍ରିଜ ଧୋଇହୋଇଯାଇଥିଲା । ହେଲେ ଆଜି ପ୍ରଯ୍ୟନ୍ତ ଉକ୍ତ ବ୍ରିଜ ନିର୍ମାଣ କରାଯାଇନଥିବାରୁ ଏହି ରାସ୍ତାଦେଇ ଯାଉଥିବା ଲୋକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବ୍ରିଜ ର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିବାରୁ ଏହି ରାସ୍ତାଦେଇ ଚାଲିଚାଲି ଯିବା କଷ୍ଟକର ହୋଇପଡୁଛି ।

ପ୍ରକାଶ ଥାଉକି ଗମ୍ପାକୋଣ୍ଡା ମୁଖ୍ୟ କେନାଲ ରୁପୁରୁଣା ପଂଚାୟତ ଅଫିସ ପର୍ଯ୍ୟନ୍ତ ପ୍ରାୟ ୨ କିମି ରାସ୍ତା ବର୍ଷାରେ ଧୋଇହୋଇଯାଇଛି । ଏହି ରାସ୍ତାର ମଧ୍ୟ ଭାଗରେ କସଲ କୋଣ୍ଡା ନାଳ ରହିଛି, ଯାହାର ଲମ୍ବ ୧୫ ମିଟର । ଉକ୍ତ ରାସ୍ତା ଚିନ୍ତଲବାଡା ଓ ଗୁମୁକା ପଂଚାୟତକୁ ସଂଯୋଗ କରୁଥିବାରୁ ବହୁ ଲୋକ ସୁବିଧାରେ ଯାତାୟାତ କରୁଥିଲେ । ତେବେ ୩ ବର୍ଷ ଧରି ରାସ୍ତା ଓ ବ୍ରିଜ ମରାମତି ହୋଇନଥିବାରୁ କସଲକୋଣ୍ଡା, ସିନ୍ଧିଗୁଡା, ଏବଂ ନିକଟରେ ଥିବା ଅନ୍ୟ ୬ ଟି ଗାଁ ର ଶତାଧିକ ଲୋକ ନାହିଁ ନଥିବା ଦୁର୍ଦର୍ଷା ଭୋଗୁଛନ୍ତି । ସାଧାରଣତଃ କାହାର ଦେହ ଖରାପ ହେଲେ ରୋଗୀ, ଗର୍ଭବତୀଙ୍କୁ ଚିକିତ୍ସାଳୟ ନେବାକୁ ଗାଁ ନିକଟକୁ ଆମ୍ବୁଲାନ୍ସ ଆସିପାରେନାହିଁ !ଫଳରେ ରୋଗୀଙ୍କୁ ଖଟିଆରେ ବୋହିବାକୁ ପଡିଥାଏବୋଲି କସଲକୋଣ୍ଡା ଗ୍ରାମର ୱାର୍ଡ ମେମ୍ବର ଈରମେ କବାସୀ କହିଛନ୍ତି । ମରାମତି ପାଇଁ ପ୍ରଶାସନ ପାଖରେ ଅଞ୍ଚଳବାସୀ ବାରମ୍ବାର ଦାବି କରିଆସୁଥିଲେ ସୁଦ୍ଧା କେହି ଶୁଣୁ ନ ଥିବା ପଂଚାୟତବାସୀ ଅଭିଯୋଗ କରିଛନ୍ତି !ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଦାବୀ ହେଉଛି !

## ବିବାହର ପ୍ରତିଶ୍ରୁତି ଦେଇ ମାସମାସ ଧରି ଯୁବତୀଙ୍କୁ ଦୁଷ୍କର୍ମ
# ୬ମାସର ଗର୍ଭବତୀ ପରେ ସଂପୃକ୍ତ ଯୁବକ ଫେରାର, ଦୈତାରୀ ଥାନାରେ ଏତଲା

ହରିଚନ୍ଦନପୁର, (ପିଏନ) ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ମାସମାସ ଧରି ଯୁବତୀଙ୍କ ସହ ଦୁଷ୍କର୍ମ, ୬ମାସର ଗର୍ଭବତୀ ହେବା ପରେ ସଂପୃକ୍ତ ଯୁବକ ଫେରାର ହୋଇଯାଇଥିବା ନେଇ ଦୈତାରୀ ଥାନାରେ ଲିଖିତ ଅଭିଯୋଗ ହୋଇଛି ।ଖବର ଅନୁଯାୟୀ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଦୈତାରୀ ଥାନା ଅନ୍ତର୍ଗତ ଆଲୁତୁମ୍ପା ଗ୍ରାମର ଯାତ ଦେହୁରୀଙ୍କ ଝିଅ (ଛଦ୍ମନାମ) ଜମୁନା(୧୮)ଙ୍କ ସହ ଗ୍ରାମର ଙ୍ଗପିତାମ୍ବର ଦେହୁରୀଙ୍କ ପୁଅ ସୁଶାନ୍ତ ଦେହୁରୀ ପ୍ରେମ ସର୍ମ୍ପକ ରଖିଥିଲେ । ପରେ ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ଦୀର୍ଘ ମାସ ଧରି ଦୁଷ୍କର୍ମ କରିଥିଲେ । ଯୁବତୀ ଜଣଙ୍କ ଗର୍ଭବତୀ ହେବା ପରେ ଯୁବକଙ୍କୁ ଘଟଣା ସର୍ମ୍ପକରେ ଜଣାଇବା ପରେ ଯୁବକ ଜଣଙ୍କ ଫେରାର୍ ହୋଇଯାଇଥିଲେ । ଯୁବକ ଜଣଙ୍କ ଫେରାର୍ ହୋଇଯିବା ନେଇ ପୀଡ଼ିତା ଜଣଙ୍କ କିଛି ଉପାୟ ନପାଇ ମାଆ ଗୁଣ୍ଡ ଦେହୁରୀଙ୍କୁ ଘଟଣା ସର୍ମ୍ପକ ସବୁ କଥା ଜଣାଇଥିଲେ । ଝିଅ ଠାରୁ ସମସ୍ତ ଘଟଣା ସର୍ମ୍ପକରେ ଜାଣିବା ପରେ ସମାଧାନ ନିମନ୍ତେ ଗ୍ରାମର ଭଦ୍ର ଲୋକଙ୍କ ଏକ ସଭା ବସିଥିଲା । ହେଲେ ଉକ୍ତ ସଭାରେ ଉଚିତ୍ ନ୍ୟାୟ ମିଳିବା ଭଳି କୌଣସି ସମାଧାନ ବାଟ ବାହାରିନଥିଲା । ଶେଷରେ କିଛି ଉପାୟ ନପାଇ ନ୍ୟାୟ ଆଶାରେ ପରିବାର ସହ ପୀଡ଼ିତା ଦୈତାରୀ ଥାନା ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ କରିଥିଲେ । ଏଥିସହ ଯୁବକଙ୍କ ପରିବାର ସବୁ ସର୍ମ୍ପକରେ ଜାଣିବା ପରେ ତାଙ୍କୁ ଲୁଚାଇ ରଖିଥିବା ପୀଡ଼ିତା କହିଛନ୍ତି । ଅଭିଯୋଗକୁ ଭିତି କରି ପୋଲିସ ଏକ ମାମଲା ରୁଜୁ କରି ପୀଡ଼ିତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଡ଼ାକ୍ତରୀମାଇନା କରିବା ପରେ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ହେଲେ ଗତ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଥିଲା ବେଳେ ଆଜି ପର୍ଯ୍ୟନ୍ତ ପୋଲିସ ସଂପୃକ୍ତ ଯୁବକଙ୍କ ପତା ପାଇନଥିବା କାରଣରୁ ନ୍ୟାୟ ଆଶାରେ ଚାହିଁ ରହିଥିବା ପୀଡ଼ିତା ମଧ୍ୟରେ ଧିରେ ଧିରେ ଆଶା ତୁଟିବାକୁ ବସିଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଯଥାଶୀଘ୍ର ପୀଡ଼ିତାଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରାଇବାକୁ ଗ୍ରାମବାସୀ ଓ ପୀଡ଼ିତା ଦାବି କରିଛନ୍ତି ।

## ଆଦର୍ଶ ଚାଷୀ ଏକାକୀ ମହିଳା ମିତା ପ୍ରଧାନ
# ଆତ୍ମନିର୍ଭରଶୀଳ ହୋଇଛନ୍ତି ଆକ୍ସନଏଡ ସହାୟତାରେ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ଅଂଚଳରେ ଥିବା ସୁନ୍ଦରଗଡ ଗାଁରେ ଆତ୍ମନିର୍ଭରଶୀଳ ହୋଇଛନ୍ତି ସେହି ଗାଁର ଏକାକୀ ମହିଳା ମିତା ପ୍ରଧାନ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆକ୍ସନଏଡ୍ ସହାୟତାରେ ସେ ନିର୍ଭରଶୀଳ ହୋଇ ହୋଇପାରିଛନ୍ତି ଜଣେ ସଫଳ ଚାଷି ଅନୁଷ୍ଠାନ ତରଫରୁ ତାଙ୍କୁ ପ୍ରଦାନ କରାଯାଇଥିଲା ୫ ହଜାର ଟଙ୍କା ସେଥିରୁ ସେ ତାଙ୍କ ଜମିରେ ଆରମ୍ଭ କରିଛନ୍ତି ବନ୍ଧାକୋବି ଓ ବାଦାମ ଚାଷ ସେଥିରେ ସେ ବର୍ତମାନ ଅଂଚଳର ଜଣେ ସଫଳ ଚାଷି ସାଜିଛନ୍ତି । ୨୦୧୮ ମସିହାରେ କୌଣସି କାରଣ ବସତଃ ଅସୁସ୍ଥ ହେବାପରେ ସ୍ୱାମୀ ମିଳନ ପ୍ରଧାନଙ୍କ ଦେହାନ୍ତ ହେବାପରେ ୨ ବର୍ଷ ଏବଂ ୫ ବର୍ଷର ଦୁଇଟି କନ୍ୟା ସନ୍ତାନକୁ ନେଇ କିପରି ଚଳିବେ ତାହା ତାଙ୍କ ପାଇଁ ହୋଇଥିଲା ଏକ ବଡ ଆହ୍ୱାନ କିପରି ପରିବାର ପୋଷଣ କରିବେ ଏବଂ ତାଙ୍କର ଝିଅମାନଙ୍କୁ କିପରି ବଡ କରିବେ ତାହା ସାଜିଥିଲା ବଡ ଚିନ୍ତ । ବର୍ତମାନ ତାଙ୍କ ପାଖରେ ଥିବା ପ୍ରାୟ ୩ ଏକରରୁ ଅଧିକ ଚାଷ ଜମିରେ କରିଛନ୍ତି ସେ ବନ୍ଧାକୋବି, ବାଦାମ ଓ ବିଭିନ୍ନ ପନିପରିବା ଚାଷ ଏବଂ ସେଥିରେ ତାଙ୍କର ପରିବାରର ଅର୍ଥିକ ଉନ୍ନତି ହେବାସହିତ ସେ ମଧ୍ୟ ଜଣେ ଏକାକି ଆତ୍ମନିର୍ଭରଶୀଳ ମହିଳା ହୋଇ ତାଙ୍କପରି ଏକାକୀ ମହିଳା ମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି । ତେବେ ତାଙ୍କ ଭଳି ଦାରିଙ୍ଗବାଡି ଅଂଚଳରେ ଥିବା ଆଉ ୧୧ ଜଣ ଏକାକୀ ମହିଳାଙ୍କୁ ଆକ୍ସନଏଡ ତରଫରୁ ୫ ହାଜର ଟଙ୍କା ଲେଖାଏଁ ପ୍ରାଦାନ କରାଯିବାସହିତ ସେମାନଙ୍କୁ ସେମାନଙ୍କର ଇଛା ଓ ସୁବିଧା ଅନୁସାରେ ଛେଳିଚାଷ, ପନିପରିବା ଚାଷ, ମାଣ୍ଡିଆ ଚାଷ ଏବଂ ସିଆଳି ଖଲି ତିଆରି କରିବା ଭଳି ବିଭିନ୍ନ ଆତ୍ମନିର୍ଭରଶୀଳ କାମ କରି ସ୍ୱାଲମ୍ବୀ ହୋଇପାରିଛନ୍ତି । ଦାରିଙ୍ଗବାଡି ସମେତ କନ୍ଧମାଳ ଜିଲ୍ଲାରେ ଆକ୍ସନଏଡ ତରଫରୁ ଫୁଲବାଣୀ, ତୁମୁଡିବନ୍ଧ ଓ ଘୁ.ଉଦୟଗିରି ଅଂଚଳରେ ଏହିପରି ୩୧ ଜଣ ମହିଳାଙ୍କୁ ସାମାନ୍ୟ ଅର୍ଥିକ ସହାୟତା ଯୋଗାଇ ଦେବାସହିତ ସେମାନଙ୍କୁ ତାଙ୍କର ସୁବିଧା ଅନୁସାରେ କାମକରି ସେମାନଙ୍କୁ ମଧ୍ୟ ଆତ୍ମନିର୍ଭରଶୀଳ କରିବା ପାଇଁ ଉଦ୍ୟମ କରାଯାଇଛି । ସେମାନେ ମଧ୍ୟ ସେମାନଙ୍କର ପ୍ରଚେଷ୍ଟାରେ ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ସେମାନଙ୍କ ପରିବାରର ଆର୍ଥିକ ଅଭିବୃଦ୍ଧି କରିବାରେ ଲାଗିଛନ୍ତି ବୋଲି ଦାରିଙ୍ଗବାଡି ଅଂଚଳରେ କାର୍ଯ୍ୟରତ ଆକ୍ସନଏଡର ଧନେଶ୍ୱର ସାହୁ କହିଛନ୍ତି ।

## ବିଶିଷ୍ଟ କର୍ମଚାରୀ ନେତା ଅକ୍ଷୟ ମହାକୁଡ଼ଙ୍କ ପଂଚମ ବାର୍ଷିକ ଶ୍ରାଦ୍ଧୋତ୍ସବ ପାଳିତ

ଭୁବନେଶ୍ୱର, (ପିଏନ)- ଓଡ଼ିଶା ସଚିବାଳୟ ଅମଲାସଂଘ, ଓଡ଼ିଶା ସଚିବାଳୟ ସେବାସଂଘର ପୂର୍ବତନ ସାଧାରଣ ସମ୍ପାଦକ, ସଚିବାଳୟ କର୍ମଚାରୀ ମହାସଂଘର ମହାସଚିବ, ଓଡ଼ିଶା ଶିକ୍ଷକ କର୍ମଚାରୀ ମିଳିତମଂଚର ସଂଯୋଜକ ଏବଂ ଡିଏଭି ପବ୍ଲିକ୍ ସ୍କୁଲ୍ ଅଭିଭାବକ ଆନ୍ଦୋଳନର କର୍ଣ୍ଣଧାର, ନିର୍ଭୀକ ଲଢୁଆ କର୍ମଚାରୀ ନେତା ସ୍ୱର୍ଗତ ଅକ୍ଷୟ କୁମାର ମହାକୁଡଙ୍କ ପଂଚମ ବାର୍ଷିକୀ ଶ୍ରାଦ୍ଧୋତ୍ସବ ଭୁବନେଶ୍ୱର ଓସା ହାଉସ୍‌ରେ ଚିତରଂଜନ ହୋତାଙ୍କ ଅଧ୍ୟକ୍ଷତାରେ ସାମାଜିତ ଦୂରତା ଅବଲମ୍ବନ କରାଯାଇ ଆଜି ମଧ୍ୟାହ୍ନରେ ପାଳିତ ହୋଇଯାଇଅଛି । ଏହି ଅବସରରେ ଓଡ଼ିଶା ସଚିବାଳୟ ସେବାସଂଘ ସାଧାରଣ ସମ୍ପାଦକ ବିବେକାନନ୍ଦ ସାମଲ୍, କର୍ମଚାରୀ ସଙ୍ଗଠକ ସୁବାସ ଷଡ଼ଙ୍ଗୀ, ଗିରିଜା ଶଙ୍କର ଦାସ, ମନୋରଞ୍ଜନ ଦାସ, ପ୍ରଶାନ୍ତ ନାୟକ, ବିଚିତ୍ରାନନ୍ଦ ଦାସ, ଶ୍ରୀକାନ୍ତ ରାଉତ, ପ୍ରଦୀପ୍ତ ସାମନ୍ତରାୟ, ମନୋରଞ୍ଜନ ମଲ୍ଲିକ, ସନ୍ତୋଷ ଦାଶ, ଅଭୟ ମହାନ୍ତି, ରାମ ମହାନ୍ତି, ଲକ୍ଷ୍ମୀଧର ବେହେରା ପ୍ରମୁଖ ସ୍ୱର୍ଗତ ମହାକୁଡଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ସହ ଦୀପଦାନ କରିଥିଲେ । ଦୁଇ ମିନିଟ୍ ନିରବ ପ୍ରାର୍ଥନା ମାଧ୍ୟମରେ ସ୍ୱର୍ଗତ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କ ସଂଗ୍ରାମ, ତ୍ୟାଗ ନୂତନ କର୍ମଚାରୀମାନଙ୍କୁ ଦିଗ୍‌ଦର୍ଶନ ଦେବ ବୋଲି ମତବ୍ୟକ୍ତ କରିଥିଲେ ।

# ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ ସ୍ୱାମୀ ଅଗ୍ନିବେଶଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର, (ପିଏନ)- ବିଶିଷ୍ଟ ସାମାଜିକ କାର୍ଯ୍ୟକର୍ତା, ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ, ସଂସ୍କାରବାଦୀ ସନ୍ନ୍ୟାସୀ ସ୍ୱାମୀ ଅଗ୍ନିବେଶଙ୍କ ଉଦ୍ଦେଶ୍ୟରେ ଆର୍ଯ୍ୟସମାଜ, ଓଡ଼ିଶା ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଜୁମ୍ ଭିଡ଼ିଓ ଯୋଗେ ସଭାପତି ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ବେଦମନ୍ତ୍ର ପାଠ କରିବା ପରେ ଶ୍ରଦ୍ଧାଞ୍ଜଳି ଜଣାଇ ଦିବ୍ୟଜୀବନ ସଂଘର ସନ୍ନ୍ୟାସୀ ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜ କହିଲେ ଯେ, ମହର୍ଷି ଦୟାନନ୍ଦଙ୍କର ସଚ୍ଚା ଶିଷ୍ୟ ଥିଲେ ସ୍ୱାମୀ ଅଗ୍ନିବେଶ, ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ । ସେ ପ୍ରକୃତରେ ଥିଲେ ସାମାଜିକ କ୍ରାନ୍ତିର ଜଣେ ବାର୍ତାବହ । ବିଶିଷ୍ଟ ଶିକ୍ଷାବିତ୍ ଡଃ ପ୍ରଫେସର ହରେକୃଷ୍ଣ ଶତପଥି କହିଲେ ଯେ, ସ୍ୱାମିଜୀ ଅଗ୍ନିବେଶ ନାମକୁ ସାର୍ଥକ କରିଥିଲେ । ତାଙ୍କର ବକ୍ତବ୍ୟରେ ଅଗ୍ନିସ୍ଫୁଲିଙ୍ଗ ସୃଷ୍ଟି କରୁଥିଲା । ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସେ ଥିଲେ ଗୋତିଶ୍ରମିକମାନଙ୍କର ତ୍ରାଣକର୍ତା । ସମାଜବାଦୀ ପାର୍ଟିର ସଭାପତି ରବି ବେହେରା କହିଲେ ଯେ, ଆମେ ଗର୍ବିତ ଯେ, ସେ ଓଡ଼ିଶାରେ ଜନ୍ମ ହୋଇଥିଲେ । ବରିଷ୍ଠ କଂଗ୍ରେସ ନେତା ଅଧ୍ୟାପକ କୈଳାସ ଆଚାର୍ଯ୍ୟ କହିଲେ ଯେ, ସ୍ୱାମିଜୀ ମରିନାହାଁନ୍ତି, ସ୍ୱାମିଜୀଙ୍କୁ ଗୋଟିଏ ନିର୍ଦ୍ଦିଷ୍ଟ ଦଳର ଗୁଣ୍ଡାମାନେ ମାରିଦେଲେ । ଘାତକମାନେ ସରକାରୀ ପୃଷ୍ଠପୋଷକତାରେ ଏବେବି ବୁଲୁଛନ୍ତି । ଡ଼ି.ଏ.ଭି.ର ବରିଷ୍ଠ କାର୍ଯ୍ୟକର୍ତା ଡଃ ହିମାଂଶୁ ମହାନ୍ତି କହିଲେ ଯେ, ଓଡ଼ିଶାର ପ୍ରତ୍ୟେକଟି ସମସ୍ୟା ସହିତ ନିଜକୁ ସାମିଲ୍ କରିଥିଲେ । ସେ ପୋସ୍କୋ ହେଉ ବା ମହାନଦୀ ବଂଚାଓ ହେଉ । ମା'ଘରର ପ୍ରତିଷ୍ଠାତ୍ରୀ ସଭାନେତ୍ରୀ ରତ୍ନପର୍ଣ୍ଣା ମହାନ୍ତି ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସମାଜର ପଛୁଆବର୍ଗ, ବିଶେଷ ଭାବେ ଶୋଷିତଶ୍ରେଣୀ, ମହିଳାମାନଙ୍କୁ ସମାଜର ଆଗଧାଡ଼ିକୁ ଆଣିବାକୁ ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କୁଳପତି ଡଃ ବିମଳେନ୍ଦୁ ମହାନ୍ତି, ମହାବୋଧି ସମିତିର ଟ୍ରଷ୍ଟି ଡଃ ସୌରେନ୍ଦ୍ର ମହାପାତ୍ର, ମହର୍ଷି ଦୟାନନ୍ଦ ମିଶନ ଅଧ୍ୟକ୍ଷ ଡଃ ବିକାଶ ପଣ୍ଡା, ଇଂ ଗୋପିନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । କାର୍ଯ୍ୟକ୍ରମକୁ ଡଃ ବଦ୍ରୀନାଥ ପଟ୍ଟନାୟକ ପରିଚାଳନା କରିଥିଲେ । ଶେଷରେ ଯୁବ ଆର୍ଯ୍ୟସମାଜ, ଓଡ଼ିଶାର ଅଧ୍ୟକ୍ଷ ପ୍ରବୀର ଆର୍ଯ୍ୟ ଧନ୍ୟବାଦ ଦେଇଥିଲେ ।

# ବିକ୍ରି ପାଇଁ ଦୋକାନ ରେ ରଖିଥିବା ପେଟ୍ରୋଲରୁ ନିଆଁ ଲାଗି ଦୋକାନ ଧୂଳିସାତ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ପୋଟ୍ରେଲ ଛକ ଠାରେ ଥିବା ରାଜୁ ପାଙ୍ଗୀଙ୍କ ଦୋକାନରେ ନିଆଁ ଲାଗି ଦୋକାନଟି ସମ୍ପୂର୍ଣ ପୋଡି ଧୂଳିସାତ ହୋଇଯାଇଛି । ଦୋକାନ ରେ ଥିବା ପ୍ରାୟ ୭୦ ହଜାର ଟଙ୍କାର ଦୋକାନ ସାମଗ୍ରୀ ସହିତ ବହୁ ଆସବା ପତ୍ର ପୋଡି ପାଉଁଶ ହୋଇଯାଇଛି ।ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ କରିବାକୁ ଉଦ୍ୟମ କରିଥିଲେ ହେଲେ ନ ପାରିବାରୁ ଏ ସର୍ମ୍ପକରେ କୋରୁକୋଣ୍ଡା ଅଗ୍ନିଶମ ବିଭାଗ କୁ ଖବର ଦେଇଥିଲେ !ଅଗ୍ନିଶମ କର୍ମଚାରୀମାନେ ଘଟଣା ସ୍ଥଳରେ ପହଂଚି ଦୀର୍ଘ ସମୟ ଧରି ସଂଘର୍ଷ କରିବାପରେ ନିଆଁକୁ ଆୟତ୍ତ କରିବାରେ ସଫଳ ହୋଇଥିଲେ ।ମିଳିଥିବା ସୂଚନା ଅନୁଯାୟୀ ଦୋକାନରେ ବିକ୍ରୀ କରିବା ନିମନ୍ତେ ଏକ ପ୍ଲାଷ୍ଟିକ ଜାରକିନ ରେ ପ୍ରାୟ ୬୦ ଲିଟର ପେଟ୍ରୋଲ ରଖିଥିଲେ ତେବେ କୋଣସି କାରଣରୁ ଜାରକିନ ରେ ନିଆଁ ଲାଗିଯାଇଥିଲା । ଫଳରେ ପେଟ୍ରୋଲର ନିଆଁ ଉଗ୍ରରୂପ ନେବା ସହ ସମଗ୍ର ଦୋକାନ କୁ ପୋଡି ଜାଳି ଦେଲା ।ଏହି ଅଗ୍ନିକାଣ୍ଡରେ ଲୋକଙ୍କ କିଛି କ୍ଷତି ହୋଇନାହିଁ । ଜିଲ୍ଲାର ବିଭିନ୍ନ ଅଂଚଳରେ ଅନେକ ପେଟ୍ରୋଲ ଟାଙ୍କି ରହିଛି । ହେଲେବି ଜିଲ୍ଲାର ବିଭିନ୍ନ ଅଂଚଳରେ କିଛି ଅସାଧୁ ବ୍ୟବସାୟୀ ନିଜ ନିଜର ଦୋକାନ ସମ୍ମୁଖରେ ବେଆଇନ ଭାବେ ପେଟ୍ରୋଲ ଓ ଡିଜେଲ ଖୋଲା ଖୋଲି ବିକ୍ରି କରୁଛନ୍ତି । ପୋଲିସ କିମ୍ବା ଜିଲ୍ଲା ଯୋଗାଣ ବିଭାଗର ଅଧିକାରୀ ମାନେ ନିରବ ଦ୍ରଷ୍ଟା ସାଜିଛନ୍ତି । ବେଆଇନ ଭାବେ ପେଟ୍ରୋଲ ଓ ଡିଜେର୍ଲ ବିକୁଥିବା ବ୍ୟବସାୟୀ ମାନଙ୍କ ବିରୁଦ୍ଧରେ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଯୋଗୁଁ ଏଭଳି ଅଗ୍ନିକାଣ୍ଡ ଘଟୁଥିବା ଅଂଚଳ ବାସୀ ଅଭିଯୋଗ କରିଛନ୍ତି ।ତେବେ ଯୋଗାଣ ବିଭାଗର ଅଧିକାରୀ ଓ ପୋଲିସ ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାବାସୀ ଦାବୀ କରିଛନ୍ତି !

## ୨ କୋଭିଡ୍ ସନ୍ଦିଗ୍ଧଙ୍କ ଶବ ସଂସ୍କାର ପାଇଁ ସହାୟତା କଲା ଟିମ ହ୍ୟୁମେନିଟି
# ପୋଲିସ, ପ୍ରଶାସନ ଓ ପୌରନିର୍ବାହୀ ଅଧିକାରଙ୍କ ଉପସ୍ଥିତିରେ ହେଲା ସମ୍ପର୍ଣ୍ଣ

କନ୍ଧମାଳ,(ପିଏନ)-୨ କୋଭିଡ୍ ସନ୍ଦିଗ୍ଧଙ୍କର ଫୁଲବାଣୀ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଥିଲା । ସେମାନଙ୍କ ମଧ୍ୟରୁ ଫୁଲବାଣୀ ଗଣେଷ ବଜାରର ଜଣେ ୭୫ ବର୍ଷିୟ ପୁରୁଷ ହୋଇଥିବାବେଳେ ଆଉ ଜଣେ ଅମଲାପଡା ଅଂଚଳର ଜଣେ ୮୦ ବର୍ଷର ମହିଳା ଅଟନ୍ତି । ତେବେ ସେମାନଙ୍କର ଶବ ସଂସ୍କାର ପାଇଁ ତାଙ୍କ ଆଖପାଖ ଅଂଚଳର କେହି ନଆସିବାରୁ କନ୍ଧମାଳ ଟିମ ହ୍ୟୁମାନିଟିକୁ ଜିଲ୍ଲା ପ୍ରଶାସସନ ତରଫରୁ ଏହି କାର୍ଯ୍ୟରେ ସହାୟତା ପାଇଁ ଅନୁରୋଧ କରାଯାଇଥିଲା । ଏଥିରେ ଟିମ ହ୍ୟୁମାନିଟିର ସଦସ୍ୟ ମାନେ ତୁରନ୍ତ ପ୍ରସ୍ତୁତ ହେବା ସହିତ ସଦସ୍ୟ ମାନେ କୋଭିଡ ହସପିଟାଲରେ ପହଂଚିବା ସହିତ ସମସ୍ତେ ପିପିଇ କିଟ୍ ପିନ୍ଧି ସ୍ଥାନୀୟ ଏଫ୍‌ସିଆଇ ଛକ ନିକଟରେ ଥିବା ଶ୍ମଶାନରେ କୋଭିଡ ନିୟମ ଅନୁସାରେ ୨ଟି ଶବ ସଂସ୍କାର କରିଥିଲେ । ସେଠାରେ ଉଭୟ ମୃତକଙ୍କ ପରିବାରର ସ୍ୱଳ୍ପ ସର୍ମ୍ପର୍କିୟଙ୍କ ସମେତ ପୋଲିସ ଜିଲ୍ଲା ପ୍ରଶାସନିକ ଅଧିକାରୀ ଫୁଲବାଣୀ ପୌରାଂଚଳର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଏହି ଦୁଇଟି ଶବକୁ ସଂସ୍କାର କରାଯାଇଛି । ଟିମ ହ୍ୟୁମାନିଟିର ଏହି ମାନବିକତା ପୂର୍ଣ୍ଣ କାର୍ଯ୍ୟକୁ ଜିଲ୍ଲା ପ୍ରଶାସନ ସମେତ ଜିଲ୍ଲାର ବିଭିନ୍ନ ବୁଦ୍ଧୀଜୀବି ମହଲରେ ପ୍ରଶଂସା କରାଯାଇଛି । ସୁଚା ଯୋଗ୍ୟ ଟିମ ହ୍ୟୁମାନିଟି ଗତ କତି ଦିନ ହେଲା ଫୁଲବାଣୀ ସମେତ ସମଗ୍ର କନ୍ଧମାଲ ଜିଲ୍ଲାରେ ସଡକ ଦୁର୍ଘଟଣାର ଆହତ ମାନଙ୍କ ସହିତ ସ୍ନେକ ହେଲ୍ପଲାଇନ୍ ଜରିଆରେ ଲୋକଙ୍କ ଘରେ ପଶିଥିବା ସାପକୁ ଧରିବା ସହିତ ତାକୁ ନେଇ ସୁରକ୍ଷିତ ଭାବରେ ଜଙ୍ଗଲରେ ଛାଡିବା, ରକ୍ତଦାନ କ୍ଷେତ୍ରରେ କାର୍ଯ୍ୟ କରିବା ଭଳି ଅନ୍ୟାନ୍ୟ ସେମା ମୁଳକ କାର୍ଯ୍ୟରେ ଅସହାୟ ଲୋକଙ୍କୁ ସେବା ଦେଇ ଆସୁଛି । ତେବେ ଆଜିର ଏହି କାର୍ଯ୍ୟ ପାଇଁ ଟିମ ହ୍ୟୁମାନିଟିର ସଦସ୍ୟ ମାନଙ୍କୁ ଜିଲ୍ଲାର ସବୁ ସ୍ତରରୁ ପ୍ରଶଂସାର ସୁଅ ଛୁଟିଛି ।




# ମରୁଭୂମି ପାଲଟିବ ଓଡ଼ିଶା !

ପ୍ରତିବର୍ଷ ଲକ୍ଷ ଲକ୍ଷ ହେକ୍ଟର ଜମି ବନୀକରଣ କରାଯାଉଛି ବୋଲି ତଥ୍ୟ ପ୍ରକାଶ ପାଉଛି। ମାତ୍ର ଏପଟେ ଓଡ଼ିଶା ରାଜ୍ୟ ଧୀରେ ଧୀରେ ମରୁଭୂମି ପାଲଟିବାକୁ ବସିଲାଣି। ଦେଶର ପ୍ରମୁଖ ପାଞ୍ଚଟି ମରୁଡ଼ି ରାଜ୍ୟ ମଧ୍ୟରେ ଓଡ଼ିଶା ସ୍ଥାନ ପାଇଛି। ରାଜସ୍ଥାନ, ଗୁଜୁରାଟ, ମହାରାଷ୍ଟ୍ର ଓ ଜାମ୍ମୁକାଶ୍ମୀର ପରେ ଓଡ଼ିଶାର ସ୍ଥାନ ପଞ୍ଚମ ବୋଲି ଏକ ରିପୋର୍ଟରୁ ଜଣାପଡ଼ିଛି। ରାଜ୍ୟରେ ଜମିଗୁଡ଼ିକ ଶୁଷ୍କ ପାଲଟି ଗଲାଣି। ଅସନ୍ତୁଳିତ ଜଳବାୟୁ, ଜନସଂଖ୍ୟାର ମାତ୍ରାଧିକ ବୃଦ୍ଧି, ଜଙ୍ଗଲ କ୍ଷୟ, ଅତ୍ୟଧିକ ଭୂତଳ ଜଳ ବ୍ୟବହାର, ନଦୀନାଳ ଜଳରାଶିର ଅସଂଯତ ବ୍ୟବହାର ଓ ତ୍ରୁଟିପୂର୍ଣ୍ଣ ଭୂମି ବିନିଯୋଗ ଯୋଗୁଁ ଏପରି ଉଦ୍‌ବେଗଜନକ ସ୍ଥିତି ସୃଷ୍ଟି ହୋଇଛି। ଏପରି ସ୍ଥିତି ଲାଗି ରହିଲେ ସମୟ ଆସିବ ଓଡ଼ିଶା ବି ଦିନେ ଏକ ବଡ଼ ମରୁଭୂମିରେ ପରିଣତ ହୋଇଯିବ। ଏକ ରିପୋର୍ଟ ଅନୁଯାୟୀ, ମରୁ ଅଞ୍ଚଳ ତାଲିକାରେ ପ୍ରଥମ ସ୍ଥାନରେ ରହିଛି ରାଜସ୍ଥାନ। ଏହି ରାଜ୍ୟର ୨.୩ କୋଟି ହେକ୍ଟର ଜମି ଶୁଷ୍କ। ଏହା ପଛକୁ ଥିବା ଗୁଜୁରାଟ, ମହାରାଷ୍ଟ୍ର ଓ ଜାମ୍ମୁକାଶ୍ମୀରରେ ୧.୩ କୋଟି ହେକ୍ଟର ଜମି ଶୁଷ୍କ ଅବସ୍ଥାରେ। ଆଉ ପଞ୍ଚମରେ ଥିବା ଓଡ଼ିଶାରେ ୫୦ଲକ୍ଷ ହେକ୍ଟର ଜମି ଶୁଷ୍କ ପାଲଟିଗଲାଣି। ଯାହାକି ମୋଟ ଜମିର ଶତକଡ଼ା ୩୩ଭାଗ। ତଥାପି ପ୍ରତିବର୍ଷ ସରକାର କହୁଛନ୍ତି ଏଥିପାଇଁ ପଦକ୍ଷେପ ନିଆଯାଉଛି। ମାତ୍ର ବର୍ତ୍ତମାନ ଓଡ଼ିଶାର ସ୍ଥିତି ଯାହା ଭବିଷ୍ୟତରେ ରାଜ୍ୟ ପ୍ରତି ଏକ ବଡ଼ ବିପଦ ମାଡ଼ି ଆସୁଛି ବୋଲି କୁହାଯାଇପାରେ। ଉଭୟ ପ୍ରାକୃତିକ ଓ ମନୁଷ୍ୟକୃତ କାରଣ ଯୋଗୁଁ ଏହି ମରୁକରଣ ପ୍ରକିୟା ଏକ ମୁଖ୍ୟ ସମସ୍ୟା ରୂପେ ଉଭା ହୋଇଛି। ବର୍ଷକୁ ହାରାହାରି ୧୦ ଇଞ୍ଚରୁ ବୃଷ୍ଟିପାତ କମ୍ ହେଲେ ଅଞ୍ଚଳଟି କ୍ରମଶଃ ମରୁଭୂମିରେ ପରିଣତ ହୋଇଥାଏ। ଅସନ୍ତୁଳିତ ଜଳବାୟୁ, ବୃଷ୍ଟିହୀନତା ଓ ବୃକ୍ଷ ଛେଦନ ଏହି ପ୍ରକ୍ରିୟା ପାଇଁ ଦାୟୀ। ରାଜ୍ୟର ବିଭିନ୍ନ ଅଞ୍ଚଳରେ କେଉଁଠି ରାସ୍ତା ପ୍ରଶସ୍ତିକରଣ ପାଇଁ ହେଉ ବା ଅନ୍ୟାନ୍ୟ ପାରିପାର୍ଶ୍ୱିକ ଅବସ୍ଥାର ଉନ୍ନତି ପାଇଁ ପ୍ରତିଦିନ ବଡ଼ ବଡ଼ ବୃକ୍ଷ କଟା ଯାଉଛି। ଖୋଦ୍ ରାଜଧାନୀରେ ନିକଟଅତୀତରେ ବହୁ ବଡ଼ ବଡ଼ ବରଗଛ ଓ ଅଶ୍ୱତ୍ଥ ଗଛ କଟାଯାଇଛି। ରାଜ୍ୟର ଅନ୍ୟ ସହରାଞ୍ଚଳ ସହ ଗ୍ରାମାଞ୍ଚଳରେ ମଧ ଲୋକମାନେ ଜାଳେଣି ପାଇଁ ଗଛଲତା କାଟିଥା'ନ୍ତି।

ପରିବେଶବିତ୍‌ଙ୍କ କହିବା ଅନୁଯାୟୀ, ବରଗଛର ସ୍ଥାନ ଶାଳ, ପିଆଶାଳ କି କୌଣସି ଫୁଲ ଗଛ ନେଇପାରିବ ନାହିଁ। ବର ଓ ଅଶ୍ୱତଥ ଗଛ ନିକଟରେ ବାୟୁମଣ୍ଡଳକୁ ଶୁଦ୍ଧ ରଖିବା ପାଇଁ ଯେଉଁ କ୍ଷମତା ରହିଛି, ତାହା ଅନ୍ୟ କୌଣସି ଗଛ ନିକଟରେ ନାହିଁ। ମାତ୍ର ପ୍ରଶାସନର ଚିନ୍ତାଧାରା ଭିନ୍ନ। ବର୍ଷ ବର୍ଷ ଧରି ଥିବା ପୁରୁଣା ଗଛଗୁଡ଼ିକୁ ସେମାନେ କାଟି ଚାଲିଛନ୍ତି। ଗୋଟିଏ ପଟେ ଗୋଟିଏ ବୃକ୍ଷ ଗୋଟିଏ ଜୀବନ ସ୍ଲୋଗାନ ଦିଆଯାଉଛି, ମାତ୍ର ଅନ୍ୟପଟେ ପ୍ରତିଦିନ ଅବିଚାରିତ ଭାବେ ବୃକ୍ଷ କଟା ଚାଲିଛି। ତଥ୍ୟ ଅନୁଯାୟୀ, ଆଗରୁ ଯେପରି ବୃଷ୍ଟିପାତ ହେଉଥିଲା। ଏହା ଧୀରେ ଧୀରେ କମିବାକୁ ଲାଗିଲାଣି। ଏଣୁ ବର୍ତ୍ତମାନ ବୃଷ୍ଟି ଜଳକୁ କିପରି ସଂରକ୍ଷିତ ରଖାଯିବ ଓ ଅଧିକରୁ ଅଧିକ ବନୀକରଣ ହୋଇପାରିବ ସେଥିପାଇଁ ପଦକ୍ଷେପ ନିଆଯିବା ଜରୁରୀ। ଏହାସହ ଜଙ୍ଗଲ ଓ ପରିବେଶ ବିଭାଗରେ ଯେଉଁ ଜଳବାୟୁ ପରିବର୍ତ୍ତନ ସେଲ୍ ଗଠନ କରାଯାଇଛି ତାହା ତ୍ୱରାନ୍ୱିତ ହେବା ଜରୁରୀ। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ କେନ୍ଦ୍ର ସରକାର ଓ ଅନ୍ୟାନ୍ୟ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରାଯିବା ନେଇ ପରିବେଶବିତ୍ ଓ ଜଳସୁରକ୍ଷା କର୍ମୀମାନେ ଦାବି କରୁଛନ୍ତି।

ଓଡ଼ିଶାରେ ମରୁକରଣ ପ୍ରକ୍ରିୟା ପ୍ରତିରୋଧ କରିବା ପାଇଁ ବହୁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଗତବର୍ଷ ବନୀକରଣ କାର୍ଯ୍ୟକ୍ରମରେ ବେଶ୍ ସଫଳତା ମିଳିଛି। ୧ଲକ୍ଷ ୯୮ ହଜାର ୮୯୧ ହେକ୍ଟର ଜମିରେ ବନୀକରଣ କରାଯାଇଛି। ୪୭୫୫ କିଲୋମିଟର ରାସ୍ତାରେ ବୃକ୍ଷରୋପଣ କରାଯାଇଛି। ୫କୋଟି ୫୦ଲକ୍ଷ ଚାରା ମାଗଣାରେ ବଣ୍ଟା ଯାଇଛି। କେବଳ ସହରାଞ୍ଚଳରେ ୧୪ଲକ୍ଷ ୯୦ ହଜାର ଚାରା ରୋପଣ କରାଯାଇଛି। ଗତବର୍ଷ ୧୨ କୋଟି ୪ଲକ୍ଷ ଚାରା ବଣ୍ଟନ ଓ ରୋପଣ କରାଯାଇଥିବାବେଳେ ଚଳିତ ବର୍ଷ ସାଢ଼େ ୧୩ କୋଟି ଚାରା ରୋପଣ କରାଯିବାର ଯୋଜନା ରହିଛି। ଅନୁସନ୍ଧାନରୁ ଜଣାଯାଇଛି ଯେ, ଧୀରେ ଧୀରେ ବୃଷ୍ଟିପାତ କମିବାରୁ ଓଡ଼ିଶାର ଲକ୍ଷ ଲକ୍ଷ ହେକ୍ଟର ଜମି ଏବେ ଶୁଷ୍କ। ରାଜ୍ୟ ଧୀରେ ଧୀରେ ମରୁଭୂମି ପାଲଟିଯିବ। ଏଣୁ ଏଥିପାଇଁ ଉଭୟ ରାଜ୍ୟ ସରକାର ଓ ଜନସାଧାରଣ ପଦକ୍ଷେପ ନେବା ଆବଶ୍ୟକ। ବର୍ତ୍ତମାନ ପରିବେଶ ମଣିଷର ସ୍ଥିତିକୁ ଦୋହଲାଇ ଦେଲାଣି। ସମସ୍ତେ ଏବେ ଧ୍ୱଂସ ଆଡ଼କୁ ଗତି କରୁଛନ୍ତି। ଯଦି ଉଚିତ ପଦକ୍ଷେପ ନିଆନଯାଏ, ତେବେ ରାଜ୍ୟ ସଂପୂର୍ଣ୍ଣ ଶୁଷ୍କ ପାଲଟିଯିବ।

**ଶେଖ୍ ଫରିଦ୍‌ଉଦ୍ଦିନ, ମଧୁପୁର, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୦୦୪୮୮୮**

## ଅଟ୍ରୀ ଉଷ୍ଣ ପ୍ରସ୍ରବଣ ବିକାଶ ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ପରିଦର୍ଶନ

ଖୋର୍ଦ୍ଧା।(ପିଏନ)-ଏସିଆ ମହାଦେଶର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ମଧ୍ୟରୁ ବେଗୁନିଆ ବ୍ଲକ ବାଘମାରୀ ପଂଚାୟତ ଅନ୍ତର୍ଗତ ଅଟ୍ରୀସ୍ଥିତ ଉଷ୍ଣ ପ୍ରସ୍ରବଣ ଅନ୍ୟତମ । ଏହି ପର୍ଯ୍ୟଟନ ସ୍ଥଳୀକୁ ପ୍ରତିଦିନ ରାଜ୍ୟ ତଥା ବାହାର ପର୍ଯ୍ୟଟକମାନେ ମୋଟରଯାନ ଯୋଗେ ଆସି ତପ୍ତପାଣିରେ ଗାଧୋଇବାର ମଜା ନେଇଥା'ନ୍ତି। ବର୍ଷା ଦିନରେ ମହାନଦୀର ଜଳସ୍ତର ବଢ଼ିଲେ ଶାଖା ରଣନଇର ପାଣି ଉଜାଣି ପାଣି ଆସି ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ସମେତ ଅଟ୍ରୀସ୍ଥିତ ଉଷ୍ଣ ପ୍ରସ୍ରବଣ ଭିତରେ ୪ରୁ ୫ଫୁଟ ପାଣି ଜମିଥାଏ। ତେବେ ଏହି ସମୟରେ ଜନସାଧାରଣ ଓ ପର୍ଯ୍ୟଟଙ୍କ ସୁରକ୍ଷା ଦୃଷ୍ଟିରୁ ତପ୍ତପାଣି ପରିସର ଭିତରକୁ ନଯିବା ପାଇଁ ବାରଣ କରାଯାଇ ଥାଏ। ମହାନଦୀର ଜଳସ୍ତର କମିଲେ ପର୍ଯ୍ୟଟକମାନଙ୍କ ଭିଡ ଲାଗି ରହିଥାଏ। ବେଳେବେଳେ ଶୀତ ଦିନେ ବହୁ ମାତ୍ରାରେ ପର୍ଯ୍ୟଟକ ମାନେ ଆସିଥା'ନ୍ତି। ଏହି ପର୍ଯ୍ୟଟନ କ୍ଷେତ୍ରକୁ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ଓଡିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଗତ ଗୁରୁବାର ଦିନ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ତହସିଲଦାର ପୃଥ୍ୱୀରାଜ ମଣ୍ଡଳ, ମଣ୍ଡଳ ଉନ୍ନୟନ ଅଧିକାରୀ ଲକ୍ଷ୍ମୀଧର ସାହୁ, ସ୍ଥାନୀୟ ସରପଂଚ ମାନସରଞ୍ଜନ ବିଶ୍ୱାଳ, ଓଡିଶା ପର୍ଯ୍ୟଟନ ବିଭାଗର ସାଧାରଣ ପରିଚାଳକ ଶକ୍ତିକାନ୍ତ ରାୟ, ସହାୟକ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ କାର୍ଯ୍ୟ ପ୍ରକ୍ରିୟାର ଯୋଜନା ଓ ନକ୍ସା ପ୍ରସ୍ତୁତ କରାଯାଇଥିଲା।

# କାର୍ତ୍ତିକ ମାହାତ୍ମ୍ୟ : ଦୀପଦାନ



ମାସମାନଙ୍କ ମଧ୍ୟରେ କାର୍ତ୍ତିକ ଧର୍ମମାସ। ଏହି ମାସରେ କାର୍ତ୍ତିକବ୍ରତ ପାଳନ କରାଯାଏ। ଏହା ମୁଖ୍ୟତଃ ବିଷ୍ଣୁପୂଜା ଅଟେ। ଯେଉଁମାନେ ଏହି ବ୍ରତ ପାଳନ କରନ୍ତି ସେମାନଙ୍କୁ ବ୍ରତଚାରୀ ବା ହବିଷ୍ୟାଳୀ (ସ୍ତ୍ରୀ ଲିଙ୍ଗରେ) କୁହନ୍ତି। 'ହବି' କହିଲେ ଘୃତ। ହବିଷ୍ୟାଳୀମାନେ ଏହି ବ୍ରତରେ ଘୃତ ମିଶ୍ରିତ ଅରୁଆ ଅନ୍ନ ଏକବେଳିକିଆ ଖାଆନ୍ତି। ଘୃତ ମିଶ୍ରିତ ଅନ୍ନକୁ ହବିଷ୍ୟାନ୍ନ କୁହନ୍ତି। ହବିଷ୍ୟାନ୍ନରୁ ହବିଷ କଥାକୁ ବୁଝାଏ ଏବଂ ତହିଁରୁ ହବିଷ୍ୟାଳୀ ବା ବ୍ରତକାରୀ ବୋଲି ଏମାନଙ୍କୁ କୁହାଯାଏ। ଏହି ବ୍ରତକୁ ସବୁ ଜାତିର ଏବଂ ଉଭୟ ସ୍ତ୍ରୀ ପୁରୁଷ କରିପାରିବେ। ଏହି ହବିଷ୍ୟାଳୀମାନଙ୍କର କାର୍ତ୍ତିକ ମାସସାରା ଏକ ନିତିଦିନିଆ ନିୟମ ଭିତ୍ତିକ କାର୍ଯ୍ୟଥାଏ। ପ୍ରାତଃରୁ ସ୍ନାନ କରି ସେମାନେ ସୂର୍ଯ୍ୟଙ୍କୁ ନମସ୍କାର ଓ ଜଳପ୍ରଦାନ କରନ୍ତି। ତହିଁପରେ କ୍ରମାନ୍ୱୟରେ ଦେବଦର୍ଶନ, ବର, ଓସ୍ତ, ନିମ୍ବ, ଅଁଳା, ମାଳତୀ, ପଳାଶ ଆଦିଙ୍କୁ ଜଳଦାନ ପୂର୍ବକ ପୂଜନ, ଦୀପଦାନ ଇତ୍ୟାଦି କାର୍ଯ୍ୟ କରିଥାନ୍ତି। ଏଥୁଅନ୍ତେ ତୁଳସୀ ଚଉରା ମୂଳକୁ ଆସି ତା' ଚାରି ପଟେ ଗୋବରରେ ଲିପନ୍ତି; ପଞ୍ଚ ମୁରୁଜ ଦେଇ ଦେବତାମାନଙ୍କର ଚିତ୍ର ଆଙ୍କନ୍ତି; ଧୂପ, ଦୀପ, ପୁଷ୍ପ ଦେଇ ବିଷ୍ଣୁଙ୍କୁ ଆହ୍ୱାନ ପୂର୍ବକ ତୁଳସୀଙ୍କୁ ପୂଜା କରନ୍ତି। ତୁଳସୀ ଚଉରା ଚାରିପଟେ ତୁଳସୀ ଓ ବିଷ୍ଣୁଙ୍କ ସ୍ତୁତିଗାନ କରି ଗୀତ ଓ କରତାଳି ବଜାଇ ବୁଲନ୍ତି। ତହିଁ ଉତ୍ତାରୁ ଶୁଖିଲା ଭୋଗରାଗ ବାଢ଼ି ସମର୍ପଣ କରନ୍ତି। ଏହାପରେ କାର୍ତ୍ତିକ ମାହାତ୍ମ୍ୟ, ବିଷ୍ଣୁ ପୁରାଣ କିମ୍ବା ରାଧାମାଧବ ଅଷ୍ଟକ ଇତ୍ୟାଦି ପଢ଼ନ୍ତି ବା ଶୁଣନ୍ତି।

ସୂର୍ଯ୍ୟାସ୍ତ ପୂର୍ବରୁ ସେମାନେ ଏକବକତକିଆ ଭୋଜନ ସାରନ୍ତି। ଶୁଦ୍ଧ ପାତ୍ରରେ ରୋଷେଇ ହୁଏ। ସେଥିରୁ ୩/୪ଟି ବେଲ ପତ୍ର ଦେଇ ଠାକୁରଙ୍କୁ ସମର୍ପଣ କରାଯାଏ। ଏହାପରେ ନିରୋଳା ଓ ନିର୍ବଚନରେ ଭକ୍ଷଣ କରନ୍ତି। କିନ୍ତୁ ଅଁଳା ନବମୀଦିନ ଅଁଳା ଠାରୁ ଭୋଜନ କରନ୍ତି। ତୁଳସୀ ଚଉରାମୂଳେ ଭୋଗରେ ଖଇ, କଦଳୀ, ଚାଉଳିଆ, କମଳା ଓ ବଡ଼ିଆଳ ଇତ୍ୟାଦି ଯେମିତି ଭୋଗ ହୁଏ, ସେମିତି ଅନ୍ନ ଭୋଜନକୁ ତରକାରୀ ପାଇଁ ସାରୁ, ବନ୍ତଳ କଦଳୀ, ମୁଗଡାଲି, ମାଟିଆଳୁ, ଓଉ, ଅଦା, ନଡ଼ିଆ ଇତ୍ୟାଦି ଦରକାର ହୁଏ। ଶାସ୍ତ୍ରମତେ ଯାହାଯାହା ନିଷେଧ ହୋଇଛି ବିଶେଷକରି ଆମିଷ, ସହବାସ, କୋମଳ ଶଯ୍ୟା ଏବଂ ଆଉ ଯାହାକିଛି ତାକୁ ଛାଡ଼ିବାକୁ ହୁଏ ଏବଂ କାର୍ତ୍ତିକବାସି ଛାଡ଼କୁ ଖିଆଯାଏ ବୋଲି ତାକୁ ଛାଡ଼ଖାଇ କୁହନ୍ତି। ହବିଷ୍ୟାଳୀମାନେ ସଂଧ୍ୟାରେ ଆକାଶ ଦୀପ ଜାଳନ୍ତି। ଏମିତିରେ ତ ପ୍ରତିପୂଜାରେ ଦୀପ, ଧୂପ ଏବଂ ପୁଷ୍ପ ଦାନର ବିଧାନ ଅଛି; କିନ୍ତୁ ଏ ଦୀପଦାନ ଆକାଶ ଦୀପ ନୁହନ୍ତି। ଏହାର ମହତ୍ୱ ଏବଂ ମାହାତ୍ମ୍ୟରେ ସ୍ୱତନ୍ତ୍ର ବିଶେଷତ୍ୱ ଅଛି:

*"ହବିଷ୍ୟଅନ୍ନ ଏକାବେଳେ। ଦୀପବସାଇ ସାୟଂକାଳେ।।*
*କାର୍ତ୍ତିକ ବ୍ରତ ଫଳ ଶ୍ରୁତି। ତେଣୁ ମୁଁ ତୁମ୍ଭ ପ୍ରିୟ ଅତି।।*
*ପୂର୍ବେ ଯେ କରିଥିଲ ତପ। ନିଶି ଆଗମେ ଜାଳିଦୀପ।।*
*ତେଣୁ ସନ୍ତୋଷ କମଳିନୀ। ତୁମେ ଯେ ତାଙ୍କ ସପତଣୀ।।*
*କିମ୍ବା କାର୍ତ୍ତିକ ଉଦ୍ୟାପନେ। ଅଂସଖ୍ୟ ଧର୍ମ ଦୀପଦାନେ।*
*ବିଶେଷ ତୁଳସୀ ସେବନେ। ଅସଂଖ୍ୟ ଧର୍ମ ଦୀପଦାନେ।।"*

***—କାର୍ତ୍ତିକ ମାହାତ୍ମ୍ୟ : ପଦ୍ମପୁରାଣ***

ଏଠାରେ ଭଗବାନ କୃଷ୍ଣ ପ୍ରାଣପ୍ରିୟା ସତ୍ୟଭାମାକୁ କହୁଛନ୍ତି ଯେ ତୁମେ ପୂର୍ବ ଜନ୍ମରେ କାର୍ତ୍ତିକବ୍ରତ କରି ସଂଧ୍ୟାରେ ଦୀପଦାନ କରିଥିଲ। ସେତେବେଳେ ତୁମେ ବିଧବା ଥିଲ। ଏହି ଦୀପଦାନର ଧର୍ମଫଳରୁ ତୁମେ ମୃତ୍ୟୁପରେ ସେ ଜନ୍ମରେ ଲକ୍ଷ୍ମୀଙ୍କ ସଖୀ ଥିଲ। ଦ୍ୱାପରରେ ମୋ ପତ୍ନୀ ହେଲ। ତୁଳସୀ ମୂଳେ ଦୀପଦାନରେ ଏହିପରି ଅସଂଖ୍ୟ ଧର୍ମ ହୁଏ।

କାର୍ତ୍ତିକ ମାସ ବେଳକୁ ପିତୃପକ୍ଷ ଆରମ୍ଭ ହୋଇଯାଇଥାଏ। ପିତୃପୁରୁଷ ବା ସେମାନଙ୍କର ଅମୋକ୍ଷପ୍ରାପ୍ତ ପ୍ରେତାତ୍ମମାନେ କାର୍ତ୍ତିକ ମାସରେ ଫେରିବାବେଳ ଆସିଯାଇଥାଏ। ଏହି ଦୀପଦାନ ସେମାନଙ୍କର ମୋକ୍ଷ କାମନା ସହିତ ଅନ୍ଧକାରାଚ୍ଛନ୍ନ ସେମାନଙ୍କର ସ୍ୱର୍ଗୀୟ ପଥକୁ ଆଲୋକିତ କରି ପଥ ପ୍ରଦର୍ଶନ କରାଯାଇଥାଏ ବୋଲି ବିଶ୍ୱାସ ବହୁଦିନରୁ ଚଳି ଆସୁଛି। ଏଣୁ ତୁଳସୀ ମୂଳରେ ଦୀପଦାନ ସହ ଆକାଶର ଉଚ୍ଚସ୍ଥାନ ପର୍ଯ୍ୟନ୍ତ ଏହି ଦୀପକୁ ପ୍ରଜ୍ୱଳନ କରି ରଖାଯାଏ। ଏଥିପାଇଁ ଆକାଶଦୀପର କଳ୍ପନା କରାଯାଇଛି। କାର୍ତ୍ତିକ ମାସର ପ୍ରତିଦିନ ସଂଧ୍ୟାରେ ଏକ ଉଚ୍ଚ ବାଉଁଶ ଖୁଣ୍ଟ ଉପରେ ଦୀପକୁ ପ୍ରଜ୍ୱଳନ କରାଯାଏ। ଏକ ମାଟିର ହାଣ୍ଡିରେ ଅନେକଗୁଡ଼ିଏ ଛୋଟ ଛୋଟ କଣା କରି ତା' ଭିତରେ ଘିଅ ଦୀପ ଜାଳି ହାଣ୍ଡି ଉପରେ ସରାଟିଏ ଘୋଡ଼ାଇ ଶିକାରେ ବାନ୍ଧି ଦଉଡ଼ି ମାଧ୍ୟମରେ ବାଉଁଶ ଉପରକୁ ଉଠାଇ ଦିଆଯାଏ। ଫଳରେ ପବନରେ ଏହା ସହଜରେ ଲିଭିଯାଏ ନାହିଁ ଏବଂ ମିଞ୍ଜିମିଞ୍ଜି ଆଲୋକ ସେ ଛିଦ୍ର ଦେଇ ବାହାରକୁ ନିର୍ଗତ ହେଉଥାଏ। ବିଜ୍ଞାନମତେ ସେ କଣା ନଥିଲେ ଆଲୋକ ନିର୍ଗତ ହେବନାହିଁ କିମ୍ବା ଅମ୍ଳଜାନ ପ୍ରବେଶ ନକଲେ ବତୀ ଜଳିବ ନାହିଁ। ଅମ୍ଳଜାନ ଜ୍ୱଳନର ସହାୟକ।

ସ୍ୱାମୀ - ସ୍ତ୍ରୀର ସଂପର୍କ ଜନ୍ମ ଜନ୍ମାନ୍ତର ଏବଂ ସ୍ୱର୍ଗୀୟ ବୋଲି ପୁରାଣ ଓ ଶାସ୍ତ୍ରମାନେ କୁହନ୍ତି। ଏଣୁ ଜଣଙ୍କର ସର୍ବକାଳୀନ ଅନୁପସ୍ଥିତି ବା ମୃତ୍ୟୁରେ ଆର ଜଣକ ପରାଗତ ଆତ୍ମାର ମୋକ୍ଷ ବା ମଙ୍ଗଳାର୍ଥେ ଯେଉଁ କୃତକର୍ମ କରେ ତା' ମଧ୍ୟରୁ ଆକାଶଦୀପ ଅନ୍ୟତମ। ଏଥିପାଇଁ ଯାବତୀୟ ଅଭାବ ଓ ଅନାଟନ ସତ୍ତ୍ୱେ ମାଗି ଯାଚି ଆକାଶ ଦୀପ କାର୍ତ୍ତିକରେ ଜଳାଯାଏ। ଆମ କାହାଣୀରେ 'ଆକାଶଦୀପ' ନେଇ ଅନେକ ଗପ ମଧ୍ୟ ଲେଖାଯାଇଛି। ଆକାଶଦୀପର ଜ୍ୱଳନ ଅନ୍ୟପକ୍ଷରେ ବ୍ୟକ୍ତିଗତ ଧର୍ମ ଅର୍ଜନ। ଏହା ସତ୍ୟଭାମାଙ୍କର କାହାଣୀ ଅବଲମ୍ବନରେ ସୂଚାଇ ଦିଆଯାଇଛି।

ଏହାର ବୈଜ୍ଞାନିକ କାରଣ ମଧ୍ୟ ଅଛି। କାର୍ତ୍ତିକ ମାସ ହେମନ୍ତ ଋତୁର ଅନ୍ତର୍ଗତ। ଏହି ଋତୁରେ କୀଟ-ପତଙ୍ଗ ଏବଂ କୀଟାଣୁମାନଙ୍କର ପ୍ରାଦୁର୍ଭାବ ଥାଏ। ସେମାନେ ଏହି ସାମୂହିକ ଦୀପଜ୍ୱଳନ ମାଧ୍ୟମରେ ଦଗ୍ଧିଭୂତ ହୋଇଥାଆନ୍ତି। ଏ ଦୃଷ୍ଟିରୁ ଦୀପାବଳୀ ଦିନ ଯେଉଁ ଦୀପଦାନ ଉତ୍ସବ ଏବଂ ବଡ଼ବଡ଼ିଆ ଟେକାଯାଏ ଉଭୟ ଧାର୍ମିକ ଓ ବିଜ୍ଞାନ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ : ଗୋଟିଏ ପଟେ ବଡ଼ବଡ଼ିଆଙ୍କୁ ସ୍ୱର୍ଗପଥକୁ ଆଲୋକ ପ୍ରଦର୍ଶନ ଏବଂ ଅନ୍ୟପକ୍ଷରେ ବିଜ୍ଞାନ ମତେ ବାଣ, ରୋଷଣୀ ଓ ଦୀପ ପ୍ରଜ୍ୱଳନ ଦ୍ୱାରା ବୀଜାଣୁ, କୀଟାଣୁ ଇତ୍ୟାଦି ବିନାଶନ।

ଆକବରଙ୍କ ଆଇନ୍-ଇ-ଆକବରୀମତେ ତାଙ୍କ ସମୟରେ ମଧ ଆକାଶଦୀପ ପ୍ରଚଳନ ଥିଲା। ଏଥିରେ ୪୦ ଫୁଟ ଲମ୍ବର ବାଉଁଶ ଓ ୧୬ଖଣ୍ଡି ଦଉଡ଼ିର ବ୍ୟବହାର କଥା ଉଲ୍ଲେଖ ଅଛି। ବରୋଦା ମିଉଜିୟମରେ ଏକ ବିରାଟ ଆକାଶଦୀପ ମୋଗଲ ଯୁଗର ଏବେ ମଧ ସଂରକ୍ଷଣ ହୋଇଅଛି।


କେତେକଙ୍କ ମତରେ ବୋଇତ ମାଧ୍ୟମରେ ଆମର ବହିର୍ବାଣିଜ୍ୟ ପାଇଁ ସାଧବ ପୁଅମାନଙ୍କ କାହାଣୀ ସହ ଏହା ସଂପର୍କିତ କରାଯାଏ। ଏହା ସେତେବେଳେ ଦିଗ୍‌ବାରିଣୀ ବା ବତୀଖୁଣ୍ଟ ରୂପେ ବ୍ୟବହାର ହେଉଥିଲା। ଏଥିପାଇଁ ଏ ଆକାଶଦୀପ ଅତି ଉଚ୍ଚ ଏମିତିକି ପାହାଡ଼ ଉପରେ ଜଳାଇ ରଖାଯାଉଥିଲା। ତେବେ ଯେଉଁ ଦୃଷ୍ଟିରୁ ବିଚାର କଲେବି, ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ହବିଷ୍ୟାଳୀମାନେ ଆଶ୍ୱିନ ଶୁକ୍ଳପକ୍ଷ ଏକାଦଶୀ ଦିନ ହବିଷ ସଂକଳ୍ପ କରିଥାନ୍ତି। କାର୍ତ୍ତିକ କୃଷ୍ଣ ପ୍ରତିପଦାଠାରୁ ହବିଷ ପାଳନ ହୁଏ କାର୍ତ୍ତିକ ପୂର୍ଣ୍ଣିମା ବା ରାସପୂର୍ଣ୍ଣିମା ଯାଏଁ। ରାସପୂର୍ଣ୍ଣିମା ଦିନ ସକାଳୁ ପୂର୍ବବତ୍ ସ୍ନାନସାରି ନିତ୍ୟନୈମିତ୍ତିକ କାମ ସହ କଦଳୀ ବାହୁଙ୍ଗା/ସୁଙ୍ଗାର ଡଙ୍ଗା କରି ଜଳରେ ଦୀପଦାନ କରାଯାଏ। ଏହା ବୋଇତ ବନ୍ଦାଣ ଦୃଷ୍ଟିରୁ ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, ରାଇ-ଦାମୋଦର ଦର୍ଶନ ଓ ପୂଜନ ପାଇଁ ଅଧିକ ଯୁକ୍ତିଯୁକ୍ତ। ଏହିଦିନ ଅକ୍ରୁର ଦାମୋଦରଙ୍କୁ ସ୍ନାନ ବେଳେ ଜଳରେ ଦେଖିଥିଲେ, ଯେତେବେଳେ ସେ ଶ୍ରୀକୃଷ୍ଣ ଓ ବଳରାମଙ୍କୁ ମଥୁରା ନେଇ ଯାଉଥିଲେ। ଏଣୁ ଯଥାର୍ଥରେ ଧର୍ମ ଦୃଷ୍ଟିରୁ କୁହାଯାଇଛି: ***"ଆ କା ମା ଭୈ, ପାନଗୁଆ ଥୋଇ, ପାନଗୁଆ ତୋର, ମାସକ ଧରମ ମୋର।।"***

ସଂଧ୍ୟାରେ ପୁଣି ତୁଳସୀ ଚଉରାମୂଳେ ଦୀପଦାନ ଓ ଆକାଶ ଦୀପ ଜ୍ୱଳନ। କାର୍ତ୍ତିକ ବ୍ରତ ଉଦ୍ୟାପନ ସହିତ 'ଆକାଶଦୀପ'ର ଆଉ ପ୍ରାଧାନ୍ୟ ନଥାଏ ଯଦିଓ ଅନେକ ଆହୁରି କିଛିଦିନ ଜାଳନ୍ତି। ଏମିତିରେ ଆମେ ପ୍ରତିଦିନ ସଂଧ୍ୟାରେ ବି ତୁଳସୀ ଚଉରାମୂଳେ ଦୀପଜାଳୁ। କଥାରେ ଅଛି: କାର୍ତ୍ତିକ ମାସ ପରି ମାସ, ସତ୍ୟ ଯୁଗ ପରି ଯୁଗ, ବେଦ ପରି ଶାସ୍ତ୍ର, ଗଙ୍ଗାତୁଲ୍ୟ ନଦୀ ସର୍ବୋପରି ଦୀପଦାନପରି ଧର୍ମ ବା ପୁଣ୍ୟ ନାହିଁ। ***"ଦୀପଂ ଜ୍ୟୋତି ପରଂବ୍ରହ୍ମ/ଦୀପଂ ଜ୍ୟୋତି ପରାୟଣେ/ଦୀପନେ ହରେତ ପାପଂ/ସଂଧ୍ୟାଦୀପଂ ସରସ୍ୱତୀ।।"***

## ସାହିତ୍ୟ ସମାଜର ଦର୍ପଣ

ଖୋର୍ଦ୍ଧା,(ପିଏନ)- ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରୀ ଗ୍ରାମର ଦୁର୍ଗା ମଣ୍ଡପ ପରିସରରେ କୃଷ୍ଣଚୂଡା ସାହିତ୍ୟ ସଂସଦର ପଂଚମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏ ନେଇ ସଂସଦର ସଭାପତି ପ୍ରମୋଦ କୁମାର ପଣ୍ଡାଙ୍କ ଆବାହକତ୍ୱ ଓ କବି ଜନ୍ମେଶ୍ୱର କହଲସିଂହଙ୍କ ପୌରୋହିତ୍ୟରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ସରପଂଚ ମାନସରଞ୍ଜନ ବିଶ୍ୱାଳ, ସମିତି ସଭ୍ୟ ନବନିତା ମହାନ୍ତି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ବିଜେଡି ଦଳର ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ନୟାଗଡ ଜିଲ୍ଲା ଲେଖକ ପରିଷଦର ସମ୍ପାଦକ ଶେଖ ଅବଦୁଲ ଖାଲିକ ବରେଣ୍ୟ ଅତିଥି, ସ୍ଥାନୀୟ ମା ଦୁର୍ଗା ବଣିକ ସଂଘର ସମ୍ପାଦକ ଆର୍ତ୍ତବନ୍ଧୁ ସେଠୀ, କଂଟିଲୋ ନୀଳମାଧବ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡଃ ପବିତ୍ର କୁମାର ସୁବୁଦ୍ଧି ମୁଖ୍ୟବକ୍ତା ଭାବେ ଯୋଗଦେଇ ସାହିତ୍ୟ ସମାଜର ଦର୍ପଣ ବୋଲି ମତ ଦେଇଥିଲେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ନୟାଗଡ ଜିଲ୍ଲା ପରମ୍ପରାର ସମ୍ପାଦକ ନିର୍ମଳ ଚନ୍ଦ୍ର ଶୁରଦେଓଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ନୟାଗଡ ଜିଲ୍ଲା ଲେଖକ ପରିଷଦର ସଭାପତି ବୃନ୍ଦାବନ ମହାପାତ୍ର ମୁଖ୍ୟ ଅତିଥି, ସ୍ଥାନୀୟ ମା ଦୁର୍ଗା ବଣିକ ସଂଘର ସଭାପତି ଧର୍ମାନନ୍ଦ ମହାନ୍ତି ବିଶିଷ୍ଟ ଅତିଥି, ଅବସରପ୍ରାପ୍ତ ଅଧ୍ୟାପକ ଡଃ କୈଳାସ ବାଣ୍ଡ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ କବି ନିଶିକାନ୍ତ କହଲସିଂହ, ବିପିନବିହାରୀ ସାହୁ, କବୟିତ୍ରୀ ହରପ୍ରିୟା ଦ୍ୱିବେଦୀ ଓ ନୀଳିମା ନନ୍ଦ ସଂଯୋଜନା କରିଥିବା ବେଳେ ଅନୁଷ୍ଠାନର ସମ୍ପାଦକ ଗୋପୀନାଥ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## 'ସୁଲଗ୍ନା' ଲୋକାର୍ପଣ



କଟକ (ପିଏନ୍): ମାସିକ ପତ୍ରିକା 'ସୁଲଗ୍ନା'ର ବାର୍ଷିକ ଉତ୍ସବ ଓ ଶାରଦୀୟ ବିଶେଷାଙ୍କ କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭବନରେ ଉଦଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ସମାଜ ସେବିକା ନମ୍ରତା ଚଢ଼ା, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ପ୍ରଫେସର ଡାକ୍ତର ସରୋଜିନୀ ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପତ୍ରିକାର ସମ୍ପାଦିକା, ସୁଲେଖିକା, ସମାଜସେବିକା ଡକ୍ଟର ଗାୟତ୍ରୀ ଦେବୀଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦ। ଏହି ଅବସରରେ ରୁମଝୁମ ନାୟକଙ୍କୁ 'ସୁଲଗ୍ନା ସାହିତ୍ୟ ରତ୍ନ ସମ୍ମାନ', ଡାକ୍ତର ତନ୍ମୟିନୀ ଦାସଙ୍କୁ 'ସେବାରତ୍ନ', ଅନୁସ୍ମିତା ସ୍ୱାଇଁଙ୍କୁ 'ଶିକ୍ଷାରତ୍ନ', ଗୀତା ପଟ୍ଟନାୟକଙ୍କୁ 'କଳାରତ୍ନ' ଓ ସୁପ୍ରିୟା ଦାସଙ୍କୁ 'ସାମ୍ବାଦିକ ରତ୍ନ' ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଶିଷ୍ଟ ମାନସିକ ରୋଗ ବିଶେଷଜ୍ଞ ପ୍ରଫେସର ଡାକ୍ତର ଗୋପାଳ ଚନ୍ଦ୍ର କର ଯୋଗ ଦେଇଥିବାବେଳେ କାର୍ଯ୍ୟକ୍ରମକୁ ଯୁବ ମାନସିକ ରୋଗ ବିଶେଷଜ୍ଞ ତଥା ଦି'ବ୍ରେନର ଟ୍ରଷ୍ଟି ଡାକ୍ତର ସମ୍ରାଟ କର, ଡାକ୍ତର ଶୁଭଶ୍ରୀ ମିଶ୍ର, ରାଧାମୋହନ ସାହୁ ଓ ନିରଞ୍ଜନ ଡାଳୁଆ ପ୍ରମୁଖ ପରିଚାଳନା କରିଥିଲେ।

## ପିଲା ହସିଲେ ଦୁନିଆ ହସିବ

ଭୁବନେଶ୍ୱର (ପିଏନ୍): ପିଲାଙ୍କ ମୁହଁରେ ହସ ଫୁଟାଇବା ପାଇଁ ବାପା ମା'ଙ୍କ ଠାରୁ ଆତ୍ମୀୟ ସ୍ୱଜନ ପର୍ଯ୍ୟନ୍ତ ସମସ୍ତେ ବିଭିନ୍ନ ପ୍ରକାରର ଚେଷ୍ଟା କରିଥାନ୍ତି। ପିଲାଙ୍କ ମୁହଁରେ ହସ ଫୁଟିଲେ ସମସ୍ତଙ୍କର ମନ ପ୍ରଫୁଲ୍ଲିତ ହୋଇଉଠେ । ସମସ୍ତ ବାଧାବିଘ୍ନ ନିମିଶକ ମଧ୍ୟରେ ଦୂର ହୋଇଯାଏ। ତେଣୁ ପିଲାଙ୍କ ମୁହଁରେ ହସ ଫୁଟାଇବା ପାଇଁ ଆମେ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ। ପିଲା ହସିଲେ ଦୁନିଆ ହସିବ ବୋଲି ସୋମନାଥ ବସ୍ତିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ନୀଳାଦ୍ରି ବିହାର ସ୍ଥିତ ସୋମନାଥ ବସ୍ତିରେ ପୂର୍ବତନ କର୍ପୋରେଟର ରଂଜନ ଜେନାଙ୍କ ଜୟନ୍ତୀ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ରଶ୍ମିରେଖା ଜେନା ଯୋଗଦେଇ ପିଲାମାନଙ୍କୁ ମିଠା ବଣ୍ଟନ କରିବା ସହିତ ପିଲାମାନଙ୍କ ଦ୍ୱାରା କେକ୍ କାଟି ଜନ୍ମଜୟନ୍ତୀ ପାଳନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ତାରକ ମହାନ୍ତି, ସୁକାନ୍ତ ରାଉତ ପ୍ରମୁଖ ଯୋଗଦେଇଥିଲେ । ବସ୍ତିର ସଭାପତି ନରୋତ୍ତମ ଗଣ୍ଡିଆ କାର୍ଯ୍ୟକ୍ରମକୁ ପରିଚଳନା କରିଥିବା ବେଳେ ଅନ୍ୟମାନେ ସହଯୋଗ କରିଥିଲେ। ଶେଷରେ ସମସ୍ତ ବସ୍ତିବାସିନ୍ଦା ପ୍ରସାଦ ସେବନ କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication




# ରାସ୍ତାରେ ହେଲା ପ୍ରସବ; ଶିଶୁପୁତ୍ରର ମୃତ୍ୟୁ ପ୍ରସୂତୀଙ୍କୁ ମିଳିଲାନି ଚିକିତ୍ସା

## ଟାଟାଷ୍ଟିଲ ଭୁଲିଗଲା ମାନବିକତା



ଯୋଡ଼ା (ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକା ୯ ୱାର୍ଡ ଗୋପ ହଟିଂ ସ୍ଥିତ ମଙ୍ଗଳାମନ୍ଦିର ନିକଟ ରାସ୍ତାରେ ଜନ୍ମ ହୋଇଛି ଏକ ଶିଶୁପୁତ୍ର । ଭୂମିଷ୍ଠ ହେବା ପରେ ଶିଶୁପୁତ୍ରଟିର ମୃତ୍ୟୁ ହୋଇଯାଇଥିବା ଖବର ହସ୍ତଗତ ହୋଇଛି । ଏହି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ସର୍ବାଧିକ ଖଣି ରାଜସ୍ୱ ଦେଉଥିବା ଖଣି ଉପତ୍ୟକା ଯୋଡା ସହରରେ । ପ୍ରତ୍ୟେକ୍ଷ ସୂତ୍ରରୁ ପ୍ରକାଶ ଯେ ସୋମବାର ରାତ୍ର ପ୍ରାୟ ସାଢେ ୧୦ଟା ସମୟରେ ଜଳହରୀ ପ ାୟତ ଅଧୀନରେ ଆଇଟିସି କଲୋନୀ ନିବାସୀ କପିଳାସ ନାଏକ ତାଙ୍କ ପତ୍ନୀ ସୁକମତୀ ପୂ ର୍ ୀ ଏବଂ ତାଙ୍କ ଶାଶୁ ଘାସ ନାଏକ ସୁକୁମତୀଙ୍କୁ ଦୁଇ କାନ୍ଧର ସାହାରାରେ ମଙ୍ଗଳାମନ୍ଦିର ରାସ୍ତା ଦେଇ ସରକାରୀ ଡାକ୍ତରଖାନାକୁ ନେଉଥିବା ବେଳେ ପ୍ରସବ ବେଦନା ସହିନପାରି ସୁକୁମତୀ ରାସ୍ତାରେ ଉପରେ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ । ହେଲେ ଶିଶୁପୁତ୍ରଟିର କିଛିକ୍ଷଣ ପରେ ମୃତ୍ୟୁ ଘଟିଥିଲା । ପ୍ରସବ ବେଦନାର ଚିତ୍କାର ଏବଂ ମୃତ ଶିଶୁପୁତ୍ରର ଦୁଃଖରେ ମ୍ରିୟମାଣ ମୃତ ଶିଶୁର ମା'ଙ୍କର କ୍ରନ୍ଦନ ବସ୍ତିବାସିନ୍ଦାଙ୍କ ନିଦ ହଜାଇ ଦେଇଥିଲା । ଏସମ୍ପର୍କରେ ବିଦ୍ଧିବଦ୍ଧ ଭାବେ ସୁକୁମତୀଙ୍କ ସ୍ୱାମୀ କପିଳାସଙ୍କ ଠାରୁ ଜାଣିବାକୁ ମିଳିଥିଲା ଯେ ସୋମବାର ଅପରାହ୍ନ ୨ଟା ବେଳେ ସେ ଓ ତାଙ୍କ ପରିବାର ସୁକୁମତୀଙ୍କୁ ପ୍ରସବ ପାଇ ଯୋଡା ସ୍ଥିତ ସରକାରୀ ଡାକ୍ତରଖାନାରେ ଭ ର୍ କରିଥିଲେ । ସେଠାରେ ତାଙ୍କର ଅବସ୍ଥା ଜଟିଳ ଥିବାରୁ ତାଙ୍କୁ ଡାକ୍ତରଖାନା ପକ୍ଷରୁ କେନ୍ଦୁଝର କିମ୍ବା ଚମ୍ପୁଆ ନେବା ପାଇଁ କୁହାଯାଇଥିଲେ ହେଁ ସମ୍ବଳ ଅଭାବରୁ ସେ ଟାଟା କମ୍ପାନୀ ଡାକ୍ତରଖାନାକୁ ନେଇଯାଇଥିଲେ । ସେଠାରେ ତାଙ୍କୁ ଚିକିତ୍ସା କରାଯିବା ପରିବର୍ େ କେବଳ କୋଭିଡ ଟେଷ୍ଟ କରାଇ କୌଣସି ରିପୋର୍ଟ ନଦେଇ ତାଙ୍କୁ ପୁନଃ ସରକାରୀ ଡାକ୍ତରଖାନାକୁ ପଠାଇ ଦିଆଯାଇଥିଲା । ସେଠାରୁ ସରକାରୀ ଡାକ୍ତରଖାନାକୁ ଆସିବା ପାଇଁ କୌଣସି ଗାଡି କିମ୍ବା ଆମ୍ବୁଲାନ୍ସର ସୁବିଧା ନମିଳିବାରୁ ଶେଷରେ ସୁକୁମତୀ ପୂ ର୍ ୀଙ୍କ ସ୍ୱାମୀ ଓ ଶାଶୁ ଦୁଇ କାନ୍ଧରେ ଆଶ୍ରା କରି ପାଦରେ ଚାଲି ଚାଲି ମଙ୍ଗଳାମନ୍ଦିର ଦେଇ ରାସ୍ତା ଅତିକ୍ରମ କରୁଥିବା ବେଳେ ଗର୍ଭବତୀ ମହିଳା ସୁକୁମତୀଙ୍କ ରାସ୍ତାରେ ପ୍ରାୟ ରାତ୍ର ୧୧ଟା ବେଳେ ସନ୍ତାନ ପ୍ରସବ ହୋଇଯାଇଥିଲା । ଶିଶୁପୁତ୍ରଟିର ଜନ୍ମ ହେବାର କିଛି ସମୟ ପରେ ମୃତ୍ୟୁ ହୋଇଯାଇଥିଲା । କ୍ରନ୍ଦନ ଏବଂ ଚିତ୍କାର ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଆସି ଦେଖିବା ପରେ ସମସ୍ତେ ସ୍ତବ୍ଧ ହୋଇଯାଇଥିଲେ । କାରଣ ଶିଶୁପୁତ୍ର ଜନ୍ମ ହେବା ପରେ ଶିଶୁପୁତ୍ରଟିର ନାଭି ମା' ସହିତ ସଂଯୋଗ ହୋଇ ରହିଥିଲା । ମାଙ୍କର ଜୀବନ ପ୍ରତି ବିପଦ ଥିବାରୁ ତୁରନ୍ତ ସ୍ଥାନୀୟ ଲୋକ ୧୦୮ ଆମ୍ବୁଲାନ୍ସକୁ ଖବର ଦେବା ସହିତ ଟାଟାକମ୍ପାନୀ ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଫୋନ ଯୋଗେ ଜଣାଇଥିଲେ । ତେବେ ବଡବିଲରୁ ୧୦୮ ଆମ୍ବୁଲାନ୍ସଟି ପହ ୍ ି ସୁକୁମତୀଙ୍କୁ ମୃତ ଶିଶୁପୁତ୍ର ସହ ସ୍ଥାନୀୟ ସରକାରୀ ଡାକ୍ତରଖାନାରେ ଭ ର୍ କରିଥିଲେ । ଏହି ଘଟଣା ପ୍ରଘଟ ହେବା ପରେ ଜନସାଧାରଣଙ୍କ ମନରେ ଘରୋଇ ଡାକ୍ତରଖାନା ପ୍ରତି ପ୍ରବଳ ଆକ୍ରୋଶ ଦେଖାଯାଇଥିଲା । ଯୋଡା ବିକାଶ ପରିଷଦ ପକ୍ଷରୁ ସଭାପତି ନିରଞ୍ଜନ ବହିଦାର କ୍ଷୋଭର ସହ ନିଜର ପ୍ରତିକ୍ରିୟାରେ କହିଛନ୍ତି ଯେ ଟାଟା ଖଣି ଖାଇ ପାଣି ଖାଇଲା ହେଲେ ପ୍ରଭାବିତ ଲୋକଙ୍କର ସେବାକୁ ନିଜର ଦାୟିତ୍ୱ ବଦଳରେ ଦୟା ବୋଲି ଭାବିଲା । ଏସମ୍ପର୍କରେ ଟାଟା କମ୍ପାନୀ ଡାକ୍ତରଖାନା ମୁଖ୍ୟ ଚିକିତ୍ସାଧିକାରୀ ଏମ.କେ.ତ୍ରିପାଠୀ ତାଙ୍କ ପ୍ରତିକ୍ରିୟାରେ କହିଥିଲେ ଯେ ମହିଳା ଜଣକ ଚିକିତ୍ସା ନିମନ୍ତେ ଏଠାକୁ ଆସିଥିବା ସେ ଜାଣିଛନ୍ତି । ଏବଂ ତାଙ୍କର କୋଭିଡ ଟେଷ୍ଟ ମଧ୍ୟ କରାହେବା ପରେ କରୋନା ପଜିଟିଭ ରିପୋର୍ଟ ଜଣାପଡିଛି । ରୋଗୀ ଏଠାରୁ ଚାଲିଯିବା ସମ୍ପର୍କରେ ସେ ତଦନ୍ତ କରିବେ । ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ । ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ ଟାଟାଷ୍ଟିଲ ଡାକ୍ତରଖାନା ପରିସର ମଧ୍ୟରେ କୋଭିଡ ଡାକ୍ତରଖାନା ଥିବା ସ େ୍ୱ କିପରି ମହିଳାଙ୍କୁ ଚିକିତ୍ସା କରାନଯାଇ କିପରି ଦାୟିତ୍ୱହୀନ ଭାବେ ପଠାଇ ଦିଆଗଲା ଓ ଆମ୍ବୁଲାନ୍ସଟିଏ ମଧ୍ୟ ତାଙ୍କୁ ଦିଆଗଲା ନାହିଁ ଏହା ଜନସାଧାରଣଙ୍କ ପ୍ରଶ୍ନ । ତେଣେ ସରକାରୀ ଡାକ୍ତରଖାନାରୁ ପ୍ରସବ ଚିକିତ୍ସା ହେବା ପରେ ମହିଳା ଓ ତାଙ୍କ ପରିବାର ଜଳହରୀ ସ୍ଥିତ ଆଇଟିସି ଗ୍ରାମକୁ ଚାଲି ଯାଇଛନ୍ତି । ଯାହାକୁ ସଂକ୍ରମଣର ଆଶଙ୍କାକୁ ବଢାଇ ଦେଇଛି । ଏନେଇ ଟାଟା କମ୍ପାନୀ କର୍ପୋରେଟ କମ୍ୟୁନିକେଶନର ଅଧିକାରୀ ଆଶିଷ ଆଚାର୍ଯ୍ୟ ପ୍ରେସ ବିବୃ ି ଦେଇ ସୂଚନା ଦେଇଛନ୍ତି ଯେ ସୁକୁମତୀ ପୂ ର୍ ୀଙ୍କୁ ଅକ୍ଟୋବର ୫ ତାରିଖ ରାତି ପ୍ରାୟ ୮.୪୦ ମିନିଟରେ ଟାଟାଷ୍ଟିଲ ହସ୍ପିଟାଲକୁ ଅଣାଯାଇଥିଲା । ହସ୍ପିଟାଲରେ ୨ଜଣ ସ୍ତ୍ରୀ ଓ ପ୍ରସୂତୀ ବିଭାଗର ବିଶେଷଜ୍ଞ ଅଛନ୍ତି । ଜଣେ ଡାକ୍ତର ସଙ୍ଗରୋଧରେ ଥିବାରୁ ସେ ରୋଗୀଙ୍କୁ ଦେଖି ପାରିବେ ନାହିଁ । ଦ୍ୱିତୀୟ ଡାକ୍ତର କୋଭିଡରୁ ଏବେ ସୁସ୍ଥ ହୋଇଛନ୍ତି ଓ ସେହି ସମୟରେ ସେ ଅସୁସ୍ଥତା ଅନୁଭବ କରିବାରୁ ଡାକ୍ତରଖାନାକୁ ଆସିପାରିନଥିଲେ । ଏପରିସ୍ଥିତିରେ ରୋଗୀଙ୍କୁ ଏଠାରେ ଭ ର୍ କରିବା ସମ୍ଭବପର ନଥିବାରୁ ନିକଟସ୍ଥ ହସ୍ପିଟାଲକୁ ନେବା ପାଇଁ ପରାମର୍ଶ ଦିଆଯାଇଥିଲା ।

# ଦୁଆର ମୁହଁରେ ବ୍ୟାଙ୍କ


ଡକ୍ଟର ତପନ କୁମାର ପାଳ

ଆଜିକାଲି ବ୍ୟାଙ୍କ ସେବା କେବଳ ଆପଣଙ୍କ ପାଖରେ ପହଞ୍ଚି ପାରିନି ବରଂ ଆପଣଙ୍କ ହାତ ପାହାନ୍ତାରେ ଥିବା ଅତ୍ୟାଧୁନିକ ମୋବାଇଲ ଫୋନ ଦ୍ୱାରା ସବୁ ସମ୍ଭବ ହୋଇପାରୁଛି । ସରକାର ଲୋକମାନଙ୍କ ପାଖରେ କିପରି ବ୍ୟାଙ୍କିଙ୍ଗର ସାମଗ୍ରିକ ଭାବେ ସମସ୍ତ ସେବା ପହଞ୍ଚ ପାରିବ ଏ ନେଇ ଦିନକୁ ଦିନ ଅନେକ ଯୋଜନା ଓ କାର୍ଯ୍ୟକ୍ରମ ହାତକୁ ନେଉଥିବା ବେଳେ ବ୍ୟାଙ୍କମାନେ ମଧ୍ୟ ଏ କ୍ଷେତ୍ରରେ ବଡ଼ ସହାୟତା, ସହଯୋଗର ହାତ ବଢ଼ାଇଥାଆନ୍ତି । ତେବେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆମ ସମାଜର ବରିଷ୍ଠ ନାଗରିକ ତଥା ଦିବ୍ୟାଙ୍ଗ ମାନଙ୍କ ପାଇଁ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ଅନେକ ସେବା ସବୁ ରହିଛି । ସେହି ସେବା ସମ୍ବନ୍ଧରେ ଆମେ ଆଜି ଛୋଟିଆ ଆଲୋଚନାଟି ଏଠାରେ ରଖୁଛୁ । ବରିଷ୍ଠ ନାଗରିକ ତଥା ଦିବ୍ୟାଙ୍ଗ ଗ୍ରାହକମାନଙ୍କ ପାଇଁ ବ୍ୟାଙ୍କ ଶାଖାକୁ ଯାଇ ଆର୍ଥିକ କାରବାର କରିବା ସଦାବେଳେ କଷ୍ଟକର ହୋଇଥାଏ । ଡିଜିଟାଲ ବ୍ୟାଙ୍କିଙ୍ଗ ମାଧ୍ୟମରେ ଆଜିକାଲି ବିଭିନ୍ନ ସେବା ମିଳୁଥିଲେ ହେଁ ଅନେକ ବରିଷ୍ଠ ନାଗରିକ ମୋବାଇଲ ଫୋନ ବା କମ୍ପ୍ୟୁଟର ମାଧ୍ୟମରେ ଏ ସବୁ କାରବାର କରିବାକୁ ସକ୍ଷମ ନୁହନ୍ତି । ସେହିମାନଙ୍କ ପାଇଁ 'ଡୋର ଷ୍ଟେପ ବ୍ୟାଙ୍କିଙ୍ଗ' ବା 'ଦୁଆର ମୁହଁରେ ବ୍ୟାଙ୍କ ସେବା' ବ୍ୟବସ୍ଥା ବରଦାନ ସଦୃଶ । ୨୦୨୦ ମସିହା ସେପ୍ଟେମ୍ବର ୯ ତାରିଖରେ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଦ୍ୱାରା ପବ୍ଲିକ ସେକ୍ଟର ବ୍ୟାଙ୍କ ରିଫର୍ମ କାର୍ଯ୍ୟସୂଚୀ ଅଧୀନରେ ଆରମ୍ଭ କରାଯାଇଥିବା ଏହି ବ୍ୟବସ୍ଥାରେ ପଞ୍ଜୀକୃତ ଗ୍ରାହକମାନେ ଘରେ ବସି ଅନେକଗୁଡ଼ିଏ ବ୍ୟାଙ୍କସେବା ପାଇପାରିବେ । ଫୋନ, ମୋବାଇଲ ଆପ ବା ୱେବ ପୋର୍ଟାଲ ମାଧ୍ୟମରେ ଯୋଗାଯୋଗ କଲେ ଅଧିକୃତ ବ୍ୟାଙ୍କ କର୍ମଚାରୀ ଘରକୁ ଆସି ଏହି ସେବା ପ୍ରଦାନ କରିବେ । ସମସ୍ତ ପବ୍ଲିକ ସେକ୍ଟର ବ୍ୟାଙ୍କରେ ଏହି ସେବା ଉପଲବ୍ଧି । ତେବେ ଏହାର କେତେକ ନିୟମ ରହିଛି । ଏବେ କେବଳ ୭୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ତଥା ଦିବ୍ୟାଙ୍ଗ ଗ୍ରାହକମାନଙ୍କୁ ଏହି ସୁବିଧା ଦିଆଯାଉଛି । ଏହି ସୁବିଧା ପାଇବା ପାଇଁ ଆକାଉଣ୍ଟର କେୱାଇସି (ଆପଣଙ୍କ ଗ୍ରାହକଙ୍କୁ ଜାଣନ୍ତୁ) ସଂପୂର୍ଣ୍ଣ ହୋଇଥିବା ଉଚିତ ଏବଂ ମୋବାଇଲ ନମ୍ବର ଆକାଉଣ୍ଟ ସହ ପଞ୍ଜୀକୃତ ହୋଇଥିବା ଆବଶ୍ୟକ । କେବଳ ବ୍ୟକ୍ତିଗତ ଖାତାଧାରକଙ୍କ ପାଇଁ ଏହି ସୁବିଧା ଉପଲବ୍ଧ । ଯୁଗ୍ମଖାତାଧାରକ ବା ନାବାଳକଙ୍କ ପାଇଁ ଏହି ସୁବିଧା ମିଳିବ ନାହିଁ । ଏଥିରେ ଟଙ୍କା ଜମା ଓ ଉଠାଣ ଚେକ୍, ଡ୍ରାଫଟ, ଫିକ୍ସଡ ଡିପୋଜିଟ, ଟାକ୍ସ ଜମା ଆଦି ଆର୍ଥିକ କାରବାର ସହିତ ଆକାଉଣ୍ଟ ଷ୍ଟେଟମେଣ୍ଟ, ଲାଇଫ ସାର୍ଟିଫିକେଟ, ନୋମିନେସନ ଭଳି କେତେକ ଅଣଆର୍ଥିକ କାରବାର ମଧ୍ୟ ସାମିଲ । ନିଜର ଶାଖାରେ ପଞ୍ଜୀକରଣ କରାଇ ଗ୍ରାହକ ଏହି ସୁବିଧା ପାଇପାରିବେ । ଡୋରଷ୍ଟେପ ବ୍ୟାଙ୍କିଙ୍ଗ ଆପ ବା ପୋର୍ଟାଲ ମାଧ୍ୟମରେ ମଧ୍ୟ ପଞ୍ଜୀକରଣ କରାଯାଇ ପାରିବ । ବର୍ତ୍ତମାନ ବ୍ୟାଙ୍କର କେତେକ ନିର୍ଦ୍ଦିଷ୍ଟ ଶାଖାର ଏହି ସୁବିଧା ଉପଲବ୍ଧ ହୋଇଥିବାରୁ ସଂପୃକ୍ତ ବ୍ୟାଙ୍କର ୱେବସାଇଟରୁ ଏ ସମ୍ପର୍କରେ ଅଧିକ ତଥ୍ୟ ପାଇପାରିବେ । ଏହି ସୁବିଧାକୁ ଅଧିକ ସୁଗମ କରିବା ପାଇଁ ପବ୍ଲିକ ସେକ୍ଟର ବ୍ୟାଙ୍କମାନେ ମିଶି ଏବେ ପିଏସବି ଆଲାଏନସ ନାମରେ ଏକ ସଂସ୍ଥା ଗଢ଼ିଛନ୍ତି । www.psballiance.com ସାଇଟରେ ସେ ସମ୍ପର୍କରେ ସମସ୍ତ ତଥ୍ୟ ଉପଲବ୍ଧ । ତେବେ ଏହି ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଭିତରେ ଆପଣଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟଟି ହେଉଛି ଆପଣ ଆପଣଙ୍କ ସମ୍ବନ୍ଧୀୟ ବିଶେଷ କରି ଓଟିପି ନମ୍ବର ବା କୌଣସି ସିକ୍ରେଟ ପିନକୋଡ଼ ଅନ୍ୟ କାହାରିକୁ ଜଣାନ୍ତୁ ନାହିଁ । ମୋବାଇଲ ଫୋନରେ କୌଣସି ବ୍ୟାଙ୍କଙ୍ଗ ସେବା ସମ୍ବନ୍ଧରେ ଆପଣ ଅଧିକ ବୁଝିବା ପାଇଁ ଚାହୁଁଥିଲେ ଆପଣଙ୍କ ପାସବୁକ ଥିବା ବ୍ୟାଙ୍କ ଶାଖା କେନ୍ଦ୍ରକୁ ଯାଇ ସହାୟତା ନିଅନ୍ତୁ । ଆପଣ ଆପଣଙ୍କର ବ୍ୟାଙ୍କ ସମ୍ବନ୍ଧୀୟ ସମସ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ପାସବୁକ, ଚେକବୁକ, ଏଟିଏମ କାର୍ଡ଼ ଏସବୁ କେବଳ ଆପଣଙ୍କ ପରିବାରର ମୁଖ୍ୟ ବା ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିଙ୍କ ବ୍ୟତୀତ ଅନ୍ୟ କାହାରିକୁ ଜଣାନ୍ତୁ ନାହିଁ । ଆପଣଙ୍କ ଚେକରେ ଦସ୍ତଖତ କରି ଏହାକୁ ବ୍ଲାଙ୍କ ଭାବେ ରଖନ୍ତୁ ନାହିଁ । ବିଭିନ୍ନ ଫ୍ରଡ଼ ଓ ଠକମାନେ ଆପଣଙ୍କୁ ଉନ୍ନତ ଓ ବିଶ୍ୱସନୀୟ ସେବା ସମ୍ପର୍କରେ କହିଲେ ମଧ୍ୟ ଏହାକୁ ଅଣଦେଖା କରନ୍ତୁ । ଯାହାକିଛି ବୁଝିବା ପାଇଁ ଚାହୁଁଛନ୍ତି ତାହା କେବଳ ନିକଟସ୍ଥ ବ୍ୟାଙ୍କରେ ହିଁ ଏ ସମ୍ବନ୍ଧରେ ଜଣାନ୍ତୁ ଓ ସୁବିଧା ସୁଯୋଗ ହାସଲ କରନ୍ତୁ । ଆପଣଙ୍କର କୌଣସି ଅସାବଧାନତା କେବଳ ଆପଣଙ୍କର ନୁହେଁ ବ୍ୟାଙ୍କର ମଧ୍ୟ ମୂଲ୍ୟବାନ ସମୟ ଓ ଶ୍ରମଶକ୍ତି ନଷ୍ଟ କରିବ ଏ ଦିଗକୁ ଅଣଦେଖା ନକରି ଜଣେ ଜାଗ୍ରତ ନାଗରିକ ଭାବେ ନିଜ ସହିତ ବ୍ୟାଙ୍କକୁ ସବୁବେଳେ ସହାୟତାର ହାତ ବଢ଼ାନ୍ତୁ ।

*ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,*

# ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ତରଫରୁ ଜେଲ ଅନ୍ତେବାସୀଙ୍କୁ ମାସ୍କ ଏବଂ ହ୍ୟାଣ୍ଡ ଫ୍ରି ସାନିଟାଇଜର ପ୍ରଦାନ

କେନ୍ଦୁଝର,(ପିଏନ): କେନ୍ଦୁଝର ଜିଲ୍ଲା କାରାଗାରରେ ଥିବା ଅନ୍ତେବାସୀଙ୍କ ସୁରକ୍ଷା ଏବଂ କୋଭିଡ-୧୯ ସଂକ୍ରମଣ ରୋକିବା ପାଇଁ ଶୁଆକାଟୀସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ପକ୍ଷରୁ ମଙ୍ଗଳବାର ଦିନ ୬୦୦ମାସ୍କ,ସାନିଟାଇଜର,୪୦ଟି ହ୍ୟାଣ୍ଡ ଗ୍ଲୋବସ,ହ୍ୟାଣ୍ଡ ଫ୍ରି ସାନିଟାଇଜର,୨୦ଟି ପିପିଇ କିଟ,୬୦୦ ସାବୁନ ଦିଆଯାଇଛି । ଏହି ହ୍ୟାଣ୍ଡ ଫ୍ରି ସାନିଟାଇଜରରେ ହାତ ନଲଗାଇ ପ୍ୟାଡେଲ ମାଧ୍ୟମରେ ଗୋଡରେ ଚାପ ଦେଇ ହାତକୁ ସାନିଟାଇଜ କରାଯାଇପାରିବ । ଜେଲ ଅଧିକ୍ଷକ ଗରିବ ସାହୁ,ଜେଲର ଅମୀୟ ବେହେରା,ଆସିଷ୍ଟା ଜେଲର ମହେଶ୍ୱର କୁଜୁର,କାରା ମଙ୍ଗଳ ଅଧିକାରୀ ପୂଜା ନାୟକ,ୱାର୍ଡର ସ୍ୱାଗତ କୁମାର ରଥଙ୍କ ଉପସ୍ଥିତିରେ ଲୋଡିଂ ଏଜେନ୍ସି ର ସମ୍ପାଦକ ଅଞ୍ଜନ କୁମାର ବେଜ,ପ ାନନ ବାରିକ ଏହି ସାମଗ୍ରୀ ପ୍ରଦାନ କରିଛନ୍ତି । ଲୋଡିଂ ଏଜେନ୍ସି ପକ୍ଷରୁ ଜେଲ ଅନ୍ତେବାସୀଙ୍କୁ ଏହି ସାମଗ୍ରୀ ପ୍ରଦାନ କରାଯାଇଥିବାରୁ ଜେଲ ତରଫରୁ ସାଧୁବାଦ ଜ୍ଞାପନ କରାଯାଇଛି ।

# ଖଟିଖିଆଙ୍କୁ ମାଗଣା ଖାଦ୍ୟ, ୬ ମାସ ପାଇଁ ପ୍ରତି ପରିବାରକୁ ଆର୍ଥିକ ସହାୟତା ଦାବିରେ ସିପିଆଇଏମ୍‌ର ବିକ୍ଷୋଭ

ଭଦ୍ରକ, (ପିଏନ)- ସିପିଆଇଏମ୍ ପଲିଟି ବ୍ୟୁରୋ ଡାକରାରେ ସାରା ଦେଶରେ ଗତ ୧୭ ତାରିଖ ଠାରୁ ମୋଦି ସରକାର ବିରୋଧୀ ଆନ୍ଦୋଳନ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ବିଭିନ୍ନ ଦାବି ନେଇ ସିପିଆଇଏମ ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ସ୍ଥାନୀୟ ବନ୍ତ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସମଗ୍ର ବିଶ୍ୱ କରୋନା ମହାମାରୀ କବଳରେ ରହିଛି । ଭାରତ ବର୍ଷ ମଧ୍ୟ ଏଥିରୁ ବାଦ୍ ପଡିନାହିଁ । ଦେଶବାସୀଙ୍କ ଜୀବନ ଓ ଜୀବିକା ସଂକଟମୟ ସ୍ଥିତି ମଧ୍ୟରେ ଗତି କରୁଛି । ଏଭଳି ସମୟରେ କେନ୍ଦ୍ରର ମୋଦି ସରକାର ସଂସଦରେ ଏ ବିଷୟ ଆଲୋଚନା ନ କରି କୃଷିଜାତ ଦ୍ରବ୍ୟ ଡାଲି, ଧାନ, ଆଳୁ, ପିଆଜକୁ ୩ଟି ଅଧ୍ୟାଦେଶ ଜରିଆରେ କର୍ପୋରେଟ କମ୍ପାନୀ ହାତକୁ ଟେକି ଦେଇଛି । ସମସ୍ତ ରାଷ୍ଟ୍ରାୟ ଶିଳ୍ପ ଯଥା ରେଳବାଇ, ବିମାନ ସେବା, ବ୍ୟାଙ୍କ, ଡାକ, ବୀମା, ଖଣିକୁ ଶାଗମାଛ ଦରରେ ଆଦାନୀ, ଅମ୍ବାନୀ ତଥା ବିଦେଶୀ କର୍ପୋରେଟ କମ୍ପାନୀକୁ ଟେକି ଦିଆଯାଉଛି ବୋଲି ବିକ୍ଷୋଭ ଅବସରରେ ଆରୋପ କରାଯାଇଛି । ଦେଶରେ ପେଟ୍ରୋଲ, ଡିଜେଲର ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା, ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟରେ ସ୍ଥିରତା ଆଣିବା, କରୋନା ମହାମରୀ ଜନିତ ଗରିବ ଖଟିଖିଆ ରିକ୍ସା ଚାଳକ, ନିର୍ମାଣ ଶ୍ରମିକ, ପରିବହନ ଶ୍ରମିକ, ବନ୍ଦର ଶ୍ରମିକ, ଟ୍ରଲି ଚାଳକ ଭଳି ପରିବାରକୁ ମାଗଣା ଖାଦ୍ୟ ଯୋଗାଣ ଓ ପ୍ରତି ପରିବାରକୁ ୬ ମାସ ପାଇଁ ମାସିକ ୭୫୦୦ ଟଙ୍କା ଆର୍ଥିକ ସହାୟତା ଯୋଗାଇବାକୁ ବିକ୍ଷୋଭ ସଭାରେ ଦାବି କରାଯାଇଛି । ପାର୍ଟିର ଜିଲ୍ଲା କମିଟି ସମ୍ପାଦକ ଦିବ୍ୟସିଂହ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ସେକ୍ କାସିମ, ସେକ୍ ମନୱର, ସେକ୍ ସିକ୍‌ରୁ, ଗେଜ ମୁଣ୍ଡା, ମ ୁ ମୁଣ୍ଡା, ସେକ୍ ହାଦିକ, ସନାତନ ଦାସ, ସନ୍ତୋଷ ରାଉତ, ସେକ୍ କମର, ସେକ୍ ଅବଦୁଲ ରହେମାନ, ଜଗନ୍ନାଥ ରାଓ, ରାଜୁ ରାଓ, ମେହେମୁଦ୍ ପ୍ରମୁଖ ବିକ୍ଷୋଭ ସଭାରେ ସାମିଲ ହୋଇଥିଲେ ।

# କାରଖାନା ବନ୍ଦ ପାଇଁ ଚକ୍ରାନ୍ତ, ବଢୁଛି ଅସନ୍ତୋଷ

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରେ ଖଣିଜ ସଂପଦର ସଦୁପଯୋଗ କରିବା ପାଇଁ ଶିଳ୍ପ ପ୍ରତିଷ୍ଠା ଜରୁରୀ ହୋଇପଡିଛି । ବହୁ କମ୍ପାନୀ ଶିଳ୍ପ ନକରି ଖଣିଜ ପଥର ଚାଲାଣ କରି ଲାଭବାନ ହେଉଥିବାବେଳେ କେତେକ କମ୍ପାନୀ ଖଣିଜ ପଥର ସଦୁପଯୋଗ କରିବା ସହ ଜିଲ୍ଲାର ବିକାଶ ଓ ସ୍ଥାନୀୟ ଅ ଳର ବେକାର ଯୁବକ ଯୁବତୀଙ୍କ ନିଯୁକ୍ତିକୁ ଆଖି ଆଗରେ ରଖି ଶିଳ୍ପ ପ୍ରତିଷ୍ଠା କରିଛନ୍ତି । ତେବେ କେତେକ ମୁଷ୍ଟିମେୟ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ନିଜର ଫାଇଦା ପାଇଁ ସ୍ଥାନୀୟ ସରଳ ଗରୀବ ଲୋକଙ୍କୁ ମତାଇ ଉକ୍ତ ଶିଳ୍ପ ବନ୍ଦ ପାଇଁ ଚକ୍ରାନ୍ତ ଚଳାଇ ଆସୁଥିବାରୁ ଅସନ୍ତୋଷ ବଢିବାରେ ଲାଗିଛି । ଏଭଳି ଘଟଣା ବାଂଶପାଳ ବ୍ଲକ ଅଁରା ଗ୍ରାମରେ ପ୍ରତିଷ୍ଠିତ ହୋଇଥିବା ଶ୍ରୀ ମେଟାଲିକ୍ସ କାରଖାନାକୁ ବନ୍ଦ କରିବା ପାଇଁ ଷଡଯନ୍ତ୍ର କରାଯାଉଥିବା ନେଇ ସ୍ଥାନୀୟ ଲୋକ କେନ୍ଦୁଝର ଜିଲ୍ଲାପାଳଙ୍କଠାରେ ମଙ୍ଗଳବାର ଦିନ ଅଭିଯୋଗ କରିଛନ୍ତି । ଏହି କାରଖାନା ଆଦିବାସୀ ଅଧ୍ୟୁଷିତ ଅ ଳରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ୨୦୧୦ ମସିହାରେ ପ୍ରତିଷ୍ଠା ହୋଇ କାର୍ଯ୍ୟକ୍ଷମ ହୋଇଥିଲା । ଏହାଦ୍ୱାରା କାମ ଆଶାରେ ଜମି ଦେଇଥିବା ଶତାଧିକ ପରିବାର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଉପର ରାଇଗୋଡା ପ ାୟତ ସମେତ ମାଳଦା,ଫୁଲଝର,କୁମ୍ଭିଶ,ଶୁଆକାଟୀ,ବାଂଶପାଳ ଆଦି ପ ାୟତର ବହୁ ବେକାର ଯୁବକ ଉପକୃତ ହୋଇ ଆସୁଥିଲେ । ତେବେ କେତେକ କୁଚକ୍ରୀ ଗୋଷ୍ଠୀଙ୍କ ଚକ୍ରାନ୍ତରେ ୨୦୧୪ ମସିହାରେ କାରଖାନା ବନ୍ଦ ହୋଇଯାଇଥିଲା । ଉକ୍ତ ସମୟରେ ସ୍ଥାନୀୟ ଲୋକେ କାମଧନ୍ଦା ହରାଇ ଆର୍ଥିକ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ । କାରଖାନା ପାଇଁ ଜମି ଦେଇଥିବା ଲୋକମାନେ ବାଧ୍ୟ ହୋଇ ଭିଟାମାଟି ଛାଡି କାମଧନ୍ଦା ପାଇଁ ବାହାରକୁ ପଳାଇବାକୁ ବାଧ୍ୟ ହୋଇଥିଲେ । ପରେ ଜମିହରା ଲୋକଙ୍କ ଅନୁରୋଧ ଓ ଅନୁକୂଳ ପରିବେଶ ସୃଷ୍ଟି ହେବା ପରେ ୨୦୧୭ ରେ ପୁନଃ ସ୍ଥାନୀୟ ଲୋକଙ୍କ ସହଯୋଗରେ କାରଖାନା ଚାଲୁ ହୋଇଥିଲା । ଏବେ କେତେକ ନ୍ୟସ୍ତ ସ୍ୱାର୍ଥବାଦୀ ଲୋକ ନିଜର ଫାଇଦା ପାଇଁ ଗରୀବ ଓ ନିରୀହ ଆଦିବାସୀଙ୍କୁ ପ୍ରଲୋଭିତ କରି କାରଖାନାରେ ବିଶୃଙ୍ଖଳା ସୃଷ୍ଟି କରି ବନ୍ଦ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି । ଅନେକ ସମୟରେ ମିଥ୍ୟା ଓ ଭି ି ହୀନ ଅଭିଯୋଗ କରି କାରଖାନା କ ୃ ପକ୍ଷଙ୍କୁ ବିବାଦ ଘେରକୁ ଟାଣି ନେବାକୁ ଚେଷ୍ଟା କରିବା ସହ ଉ େ ଜନା ପରିସ୍ଥିତି ସୃଷ୍ଟି କରୁଛନ୍ତି । ସେମାନେ ଗରୀବ ଲୋକଙ୍କୁ ପ୍ରଲୋଭିତ କରି କିମ୍ବା ଧମକଚମକ ଦେଇ କାରଖାନାରେ କାମ କରିବାକୁ ବାରଣ କରୁଛନ୍ତି । ସେମାନଙ୍କୁ ହାତବାରିସି କରି ହିଂସାତ୍ମକ ଆନ୍ଦୋଳନ କରିବା ସହ ଅରାଜକତା ସୃଷ୍ଟି କରି ଶ୍ରୀ ମେଟାଲିକ୍ସ ପ୍ଲା କୁ ବନ୍ଦ କରିବାକୁ ଉଦ୍ୟମ ଚଳାଇଛନ୍ତି । କାରଖାନା ବନ୍ଦ ହେଲେ ଶହ ଶହ ଜମିହରା ଗ୍ରାମବାସୀ ଏବଂ କାରଖାନା ଉପରେ ନିର୍ଭରଶୀଳ ସ୍ଥାନୀୟ ଅ ଳର ଅଧିବାସୀ ଜୀବନଜୀବିକା ହରାଇବେ ଓ କରୋନା ମହାମାରୀ ସମୟରେ କାମଧନ୍ଦା ହରାଇ ସେମାନଙ୍କର ଆର୍ଥିକ ସ୍ଥିତି ଦୋହଲିଯିବ । ଏଣୁ ଏଥିରେ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି କୁଚକ୍ରୀ ଷଡଯନ୍ତ୍ରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କାରଖାନାକୁ ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳନା କରିବାକୁ ଅଁରା ଗ୍ରାମବାସୀ ଓ ଶ୍ରୀ ରାଧାକୃଷ୍ଣ ଗ୍ରାମ କମିଟି ତରଫରୁ ଅନୁରୋଧ କରାଯାଇଛି । ଏହାର ଏକକିତା ନକଲ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରିବା ସହ କେନ୍ଦୁଝର ଉପଜିଲ୍ଲାପାଳ,ସଦର ଏସ୍‌ଡିପିଓ, ବାଂଶପାଳ ତହସିଲଦାର, ନୟାକୋଟ ଥାନା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି ।

# ଭୁବନ ସିଏଚସିରେ ୬୧ ଜଣଙ୍କର ଆଂଟିଜେନ ଟେଷ୍ଟ ହେଲା

ଭୁବନ, (ପିଏନ)- ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ଅଗଷ୍ଟ ୧୧ ତାରିଖ ମଙ୍ଗଳବାର ଠାରୁ ଆଂଟିଜେନ ଟେଷ୍ଟିଂ ଆରମ୍ଭ ହୋଇଥିବା ବେଳେ ଆଜି ସମୁଦାୟ ୬୧ ଜଣ ବ୍ୟକ୍ତି ଟେଷ୍ଟିଂ କରିଥିଲେ । ତେବେ ଆଜି ସୁଦ୍ଧା ୨୩୬୯ ଜଣ ବ୍ୟକ୍ତି ଆଂଟିଜେନ ଟେଷ୍ଟ କରିଥିବା ଜଣାପଡିଛି । ଭୁବନ ଏନଏସିରେ ଦିନକୁ ଦିନ ଥଣ୍ଡା,କାଶ,ଜ୍ୱର ସହିତ କରୋନା ସଂକ୍ରମିତ (ପଜିଟିଭ) ଙ୍କ ସଂଖ୍ୟା ବୃଦ୍ଧି ପାଇ ପାଖାପାଖି ୫ ଶହରେ ପହଁଚିଥିବାରୁ ଲୋକମାନେ ନିଜର ସୁରକ୍ଷା ଓ ସ୍ୱାସ୍ଥ୍ୟରକ୍ଷା ପାଇଁ ଅଧିକ ରୁ ଅଧିକ ସଂଖ୍ୟାରେ ଆଂଟିଜେନ ଟେଷ୍ଟ କରିବାକୁ ଡାକ୍ତରଖାନାରେ ଗହଳି କରୁଥିବା ଦେଖିବାକୁ ମିଳୁଛି ।

# ଉପଖଣ୍ଡ ଚିକିତ୍ସାଳୟରେ ବ୍ଲଡ ଷ୍ଟୋରେଜ ୟୁନିଟ୍‌କୁ କାର୍ଯ୍ୟକ୍ଷମ ଦାବୀ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ୩ ବର୍ଷ ତଳେ ବ୍ଲଡ ଷ୍ଟୋରେଜ ୟୁନିଟ ଖୋଲାଯାଇଥିଲା । ହେଲେ ଆବଶ୍ୟକ ରକ୍ତ ସଂଗ୍ରହ ହୋଇ ପାରୁନଥିବା ଯୋଗୁଁ ଏହି ୟୁନିଟ ବନ୍ଦ କରି ଦିଆଯାଇଥିବା ଜଣାପଡିଛି । ଫଳରେ ଏହି ୟୁନିଟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି । ନୂଆପଡା ଜିଲ୍ଲାର ପ୍ରମୁଖ ଏବଂ ମୁଖ୍ୟସ୍ଥଳୀ ଭାବରେ ଖଡିଆଳ ଜଣାଶୁଣା । ଏଠାରେ ରକ୍ତ ଅଭାବରୁ ଅନେକ ରୋଗୀ ଉପଯୁକ୍ତ ଚିକିତ୍ସା ସେବା ପାଇ ପାରୁନଥିବା ବେଳେ ବ୍ଲଡ ଷ୍ଟୋରେଜ ୟୁନିଟର ନିତାନ୍ତ ଆବଶ୍ୟକତା ରହିଛି । ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ତରଫରୁ ପ୍ରତିମାସରେ ରକ୍ତଦାନ ଶିବିର ଆୟୋଜନ କରି ଆବଶ୍ୟକ ରକ୍ତ ମହଜୁଦ ରଖିବାକୁ ଇତିପୂର୍ବେ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତଦନୁରୁପ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀ ରକ୍ତଦାନ ଶିବିର ଆୟୋଜନ ପାଇଁ ବୈଠକ ମଧ୍ୟ କରିଥିଲେ । କିନ୍ତୁ କୌଣସି କାରଣ ନଥାଇ ତାହାକୁ ବିନା କାରଣରେ ବନ୍ଦ କରି ଦିଆଯାଇଛି । ଖଡିଆଳ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରସୂତୀ ଅସ୍ତ୍ରୋପ୍ରଚାର କେନ୍ଦ୍ର ରୁପେ ଜିଲ୍ଲା ପ୍ରଶାସନ ସ୍ୱୀକୃତି ଦେଇଥିବା ବେଳେ ଆନୁସାଙ୍ଗିକ ବ୍ୟବସ୍ଥା ନହେବା କାରଣରୁ ଅନେକ ଗର୍ଭବତୀ ମହିଳା ମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ କରିବାକୁ ବିଫଳ ହେଉଛନ୍ତି । ଖଡିଆଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୈନିକ ଦୈନିକ ୧୦ ରୁ ଉର୍ଦ୍ଧ ମାଁ ପ୍ରସବ କରୁଛନ୍ତି । କିନ୍ତୁ ଅନେକ ମାଁଙ୍କୁ ରକ୍ତ ମିଳୁନଥିବା ଯୋଗୁଁ ଶିଶୁ ଜନ୍ମ ଦେଲା ପରେ ମଧ୍ୟ ନୂଆପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରସୂତୀଙ୍କୁ ନେବାକୁ ବାଧ୍ୟ ହେଉଛନ୍ତି । ବ୍ଲଡ ଷ୍ଟୋରେଜ ୟୁନିଟ କାର୍ଯ୍ୟକ୍ଷମ ହେଲେ ଅନେକ ପ୍ରସୂତୀ ମାଁ ସମେତ ଅନ୍ୟାନ୍ୟ ରୋଗୀ ମାନେ ଉପକୃତ ହୋଇପାରନ୍ତେ ବୋଲି ଖଡିଆଳ ବୁଦ୍ଧିଜିବୀ ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ବ୍ଲଡ ଷ୍ଟୋରେଜ ୟୁନିଟକୁ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି ।

# ୩୦ ବର୍ଷର ଫଳପୁରର ଜଙ୍ଗଲ ଜମି ଏବେ ବ୍ୟକ୍ତିଗତଙ୍କ ନାଁରେ : ଆନ୍ଦୋଳନ ପାଇଁ ୫ ପଂଚାୟତବାସୀ ଏକଜୁଟ

ଭଦ୍ରକ, (ପିଏନ)- ଭଦ୍ରକ ଜିଲା ଧାମନଗର ତହସିଲ ଅଧିନରେ ଥିବା ବିଭିନ୍ନ ଗୋଚର, ଅନାବାଦୀ ଓ ଜଙ୍ଗଲ ଜମିକୁ କେତେକ ଜମି ଦଲାରୀ ଚଂଚକତା କରି ନିଜ ନାମରେ କରି ନେଇଥିବା ଅଭିଯୋଗ ହୋଇଛି । ଏପରିକି ଉକ୍ତ ଜମିରେ ସଂପୃକ୍ତ ଦଲାରୀମାନେ ପକ୍କାଘର ସହିତ ଜବରଦଖଲ କରିବାରେ ସକ୍ଷମ ହୋଇଛନ୍ତି । ଏନେଇ ବିଭିନ୍ନ ମହଲରୁ ବାରମ୍ବାର ଅଭିଯୋଗ ସତ୍ୱେ ବି ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶ ଥାଉକି ଧାମନଗର ତହସିଲ ଅନ୍ତର୍ଗତ ଭଟ୍ଟସାହି ପଂଚାୟତ ଫଳପୁର ମୌଜାର ତଫସିଲ ଗ୍ରାମ୍ୟ ଜଙ୍ଗଲ ବୃତିକୁ ଚଂଚକତା କରି ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ନିଜ ନାମରେ ପଟ୍ଟା କରିନେଇଥିବା ଜଣାଯାଇଛି । ଅଭିଯୋଗରୁ ଜଣାଯାଇଛି ଯେ, ଜମିଦାରୀ ସମୟରେ ସୁଶିଳାବାଳା ଦାସୀ ନାମରେ ଉକ୍ତ ତଫସିଲ ରେକର୍ଡ ଦରଜ ଥିଲା । ସାବକରେ ଏହାର ଖାତା ନଂ-୧୩୫ ଅବଂ ପ୍ଲଟ ନଂ-୧୫୬୦ ଓ ୧୫୬୧, ରକବା ୨ଏକର ୧୧ ଡିସିମିଲ ଥିଲା । ତତ୍‌ପରେ ଉକ୍ତ ତଫସିଲ ହାଲ ବନ୍ଦୋବସ୍ତରେ ରାଧାକାନ୍ତ ବୋଷ ପିତା-ରାମକୃଷ୍ଣ ବୋଷ, ବାସସ୍ଥାନ-କୋଠାରରେ ରେକର୍ଡ ଦରଜ ଥାଇ ପୁନର୍ବାର ରାଧାକାନ୍ତ ବୋଷଙ୍କ ଦୁଇ କନ୍ୟା ରାଜେଶ୍ୱରୀ ଦେ ଓ ତନୁଶ୍ରୀ ମିତ୍ରଙ୍କ ନାମରେ ରେକର୍ଡ ହୋଇଥିଲେ ହେଁ ପ୍ରକୃତପକ୍ଷେ ସେମାନେ କେହିଁ ଏହି ଜଙ୍ଗଲ ଜମିରେ ଦଖଲଦାରୀ ନଥିଲେ । ପରବର୍ତ୍ତୀ ସମୟରେ ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ସେମାନଙ୍କ ଠାରୁ ଚଂଚକତା କରି ଉକ୍ତ ଜଙ୍ଗଲ ଜମିକୁ ନିଜ ନାମରେ କରି ପଟ୍ଟା ପାଇବାରେ ସକ୍ଷମ ହୋଇଛନ୍ତି । ଏହି ଚଂଚକତା ଘଟଣା ଜଣାପଡିବା ପରେ ଆଖପାଖ ଅଂଚଳର ଭଟ୍ଟସାହି ସମେତ ନଦୀଗାଁ, ଦଳାଙ୍ଗ, ଅର୍ଜୁନପୁର ଓ ବୟାଙ୍ଗଡିହ ଆଦି ପଂଚାୟତର ଶହଶହ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଉକ୍ତ ଗ୍ରାମ୍ୟ ଜଙ୍ଗଲରେ ପାରିପାର୍ଶ୍ୱରେ ଅରଳେଶ୍ୱର ମହାଦେବ ମନ୍ଦିର, ଶନିଦେବଙ୍କ ମନ୍ଦିର, କଣ୍ଡିଆଶୁଣି ଏବଂ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅସ୍ଥାନ ରହିଛି । ମଧ୍ୟଭାଗରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ରାସ୍ତା ଏବଂ ଜଙ୍ଗଲର ଚତୁପାର୍ଶ୍ୱରେ କଣ୍ଡିଆ ଓ ଗେଙ୍ଗୁଟି ନଦୀ ଥିବାରୁ ପରିବେଷକୁ ସୁନ୍ଦର କରିଛି । ଏନେଇ ଉକ୍ତ ୫ଟି ପଂଚାୟତର ଶତାଧିକ ଜନସାଧାରଣ ଏହି ଗ୍ରାମ୍ୟ ଜଙ୍ଗଲ ପରିସରରେ ଥିବା କଣ୍ଡିଆଶୁଣୀ ପୀଠରେ ଏକତ୍ରିତ ହୋଇ ପରବର୍ତ୍ତୀ କାର୍ଯ୍ୟପନ୍ଥା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ୩୦ ବର୍ଷ ଧରି ସରକାରଙ୍କ ଏହି ସ୍ଥାନ ଗ୍ରାମ୍ୟ ଜଙ୍ଗଲର ମାନ୍ୟତା ପାଇଥିଲା ବେଳେ କିପରି ଭାବେ ଏହି ଜମିକୁ ସଂପୃକ୍ତ ବ୍ୟକ୍ତିଙ୍କ ନାମରେ ରେକର୍ଡଭୁକ୍ତ କରାଗଲା । ଏହି ର୍‍ୟାକେଟ ପଛରେ କେଉଁ ସରକାରୀ ଅଧିକାରୀଙ୍କ ହାତ ଅଛି ତାହାକୁ ତୁରନ୍ତ ବାହାର କରିବା ସହିତ ଜଙ୍ଗଲ ଜମିକୁ ସୁରକ୍ଷା ଦେବା ପାଇଁ ଏକ ପ୍ରତିନିଧି ଦଳ ଆଗାମୀ ଦିନରେ ଭଦ୍ରକ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବାକୁ ସ୍ଥିର କରାଯାଇଛି । ଏଥିସହ ଧାମନଗର ତହସିଲଦାରଙ୍କ ସମେତ ମୁଖ୍ୟମନ୍ତ୍ରୀ, ଆରଡିସି, ରାଜସ୍ୱ ଓ ଜଙ୍ଗଲ ବିଭାଗର ମନ୍ତ୍ରୀ, ସାଂସଦ, ସ୍ଥାନୀୟ ବିଧାୟକ ଓ ପଂଚାୟତ ସମିତି ଅଧକ୍ଷଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରାଯିବା ପାଇଁ ନିଷ୍ପତି ହୋଇଛି । ଏହି ବୈଠକରେ ସମାଜସେବୀ ମଧୁସୂଦନ ମହାନ୍ତିଙ୍କ ସଭାପତିତ୍ୱରେ ନାରାୟଣ ଚନ୍ଦ୍ର ନାୟ, ସଂଜୟ କୁମାର ମହାପାତ୍ର, ଉମେଶ ଚନ୍ଦ୍ର ମହାନ୍ତି, ସମିତିସଭ୍ୟ ବିରଜା ପ୍ରସନ୍ନ ରାଉତ, ବିଶ୍ୱଜିତ ପତି, ସଂଜିବ କୁମାର ସାହୁ, ଦୁଃଶାସନ ପଣ୍ଡା, ପ୍ରମୋଦ କୁମାର ମହାନ୍ତି, ମନୋଜ କୁମାର ମହାନ୍ତି, ଗୋଲେଖ ଚନ୍ଦ୍ର ମହାନ୍ତି, ହରେକୃଷ୍ଣ ମହାଲିକ, ଆନନ୍ଦଚନ୍ଦ୍ର ମହାପାତ୍ର, ବାବାଜୀ ଚରଣ ନାୟକ, ପ୍ରଦୀପ ମହାପାତ୍ର, ସନ୍ଦିପ ମହାନ୍ତି, ଜନ୍ମଜୟ ପତି, ବୁଲୁ ପଣ୍ଡା, ଉପେନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ସାହୁ, ପ୍ରଦୀପ ନାୟକ, ଦିପ୍ତି ମହାପାତ୍ର, କ୍ଷେତ୍ରବାସୀ ବାରିକ, ହରେକୃଷ୍ଣ ପ୍ରଧାନ, ପ୍ରତାପ ଜେନାଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଉପରୋକ୍ତ କାର୍ଯ୍ୟକୁ ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଛି ।

# ଭୁବନ ବିଜେପି ତରଫରୁ ସେବା ସପ୍ତାହ ଉଦଯାପିତ

ଭୁବନ, (ପିଏନ)- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୦ ତମ ଜନ୍ମଜୟନ୍ତୀ ଅବସରରେ ଭୁବନ ବିଜେପି ତରଫରୁ ଅନୁଷ୍ଠିତ ସେବା ସପ୍ତାହ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ବୃକ୍ଷରୋପଣ,ଦିବ୍ୟାଙ୍ଗଙ୍କୁ ଉପକରଣ ବଣ୍ଟନ,ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ,ରକ୍ତଦାନ ଶିବିର ଏବଂ ଅନ୍ତିମ ଦିବସରେ ଗତକାଲି ପ୍ରସିଦ୍ଧ ଶୈବପୀଠ ବାବା ବୁଦ୍ଧେଶ୍ୱରଙ୍କ ମନ୍ଦିର ପରିସରରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ କରାଯାଇ ସେବା ସପ୍ତାହ ଉଦଯାପିତ ହୋଇଥିଲା । ଭୁବନ ନଗରମଣ୍ଡଳ ସଭାପତି ଭବାନୀ ଶଙ୍କର ବେହେରା ଙ୍କ ନେତୃତ୍ୱରେ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ବିଜେପି ନେତା ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ମଣ୍ଡଳ ସାଧାରଣ ସଂପାଦକ ସୁରେନ୍ଦ୍ର କୁମାର ପୃଷ୍ଟି, ଯୁବମୋର୍ଚ୍ଚା ସଭାପତି ନିର୍ମଳ ଗୁରୁ, ପୂର୍ବତନ କାନସିଲର ମାୟାଧର ଗୁରୁ,ପବିତ୍ର ସାହୁ,ଗଣେଶ୍ୱର ନାୟକ,ସୁଶାନ୍ତ ନାୟକ,ସନ୍ତୋଷ ରାଉଳ,ନିରଂଜନ ଗୁରୁ, ମଳୟ ତ୍ରିପାଠୀ,ଜଗବନ୍ଧୁ ଗୁରୁ,ଅଜିତ ସାହୁ,ସଂଜୟ ଗୁରୁ,ନାରୀନେତ୍ରୀ ସରୋଜିନୀ ରଣା,ଅମ୍ବିକା ବେଜ,ସୁକାନ୍ତି ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଅନୁରୂପ ଭାବେ ଭୁବନ ବ୍ଲକର ମହୁଲପାଳ ମଣ୍ଡଳ ସଭାପତି ଚୈତନ୍ୟ ବେହେରା,ମୃଦଙ୍ଗା ସରପଂଚ ଅଶୋକ ଦତ,ମହୁଲପାଳ ସରପଂଚ ମମତା ସାହୁ,ଗଗନ ବିହାରୀ ସାହୁ ଏବଂ ବାରଅାଁ ମଣ୍ଡଳ ତରଫରୁ ସଭାପତି ସଂଜୟ ଦାସ ଙ୍କ ନେତୃତ୍ୱରେ ରସାନନ୍ଦ ମହାପାତ୍ର, ଜିଲ୍ଲା ସାଧାରଣ ସଂପାଦକ ପ୍ରେମାନନ୍ଦ ଜେନା ଙ୍କ ସହଯୋଗରେ ସେବା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ




## ରାତି ପାହିଲେ ୩୫ ଲକ୍ଷ ମହିଳାଙ୍କ ମୁହଁରେ ଫୁଟିବ ହସ, ଏହି ସମୟରେ ଟଙ୍କା ଆସିବ କହିଲେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ପି.ଏନ): ସୁଭଦ୍ରା ଯୋଜନା ନେଇ ବଡ ଅପଡେଟ୍ । କାଲି(୯ ତାରିଖରେ) ସୁଭଦ୍ରା ଟଙ୍କା ଆସିବା ନେଇ ଘୋଷଣା କରାଯାଇଥିବା ବେଳେ କେତେବେଳେ ଆସିବ ଆଜି ଘୋଷଣା କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା । ଦ୍ୱିତୀୟ ପର୍ଯ୍ୟାୟରେ ପରୀକ୍ଷାମୂଳକ ଭାବେ ୧ଟଙ୍କା ଆକାଉଣ୍ଟ୍‌କୁ ଯାଇଥିବା ନେଇ ଚର୍ଚ୍ଚା ହେଉଥିବା ବେଳେ ଆଜି ଏନେଇ ସ୍ପଷ୍ଟ କରିଛନ୍ତି ଉପମୁଖ୍ୟମନ୍ତ୍ରୀ । କାହାରି ଆକାଉଣ୍ଟକୁ ଟଙ୍କା ଯାଇନାହିଁ । ଏଥିପାଇଁ ବ୍ୟସ୍ତ ନହୋଇ ଅପେକ୍ଷା କରନ୍ତୁ । ଆସନ୍ତାକାଲି ସବୁ ହିତାଧିକାରୀଙ୍କ ଆକାଉଣ୍ଟ୍‌କୁ ଟଙ୍କା ଯିବା ନେଇ କହିଛନ୍ତି ପ୍ରଭାତି ପରିଡା ।ରାତି ପାହିଲେ ୩୫ ଲକ୍ଷ ମହିଳାଙ୍କ ମୁହଁରେ ଫୁଟିବ ହସ । ସୁଭଦ୍ରା ଯୋଜନାର ୫ହଜାର ଟଙ୍କା ଖାତାକୁ ଯିବା ନେଇ କହିଛନ୍ତି ଉପମୁଖ୍ୟମନ୍ତ୍ରୀ । ସେ କହିଛନ୍ତି, ଗତକାଲି ସୁଦ୍ଧା ରାଜ୍ୟର ୧ କୋଟି ୨୦ ହଜାର ମହିଳା ହିତାଧିକାରୀ ସୁଭଦ୍ରା ଯୋଜନାରେ ପଞ୍ଜୀକରଣ କରିଛନ୍ତି । କିନ୍ତୁ ଗତକାଲି କାହା ଆକାଉଣ୍ଟକୁ ଯାଇନି ସୁଭଦ୍ରା ୧ ଟଙ୍କା ।ଅକ୍ଟୋବର ୯ ତାରିଖ ସିଧା ସଳଖ ଆପଣଙ୍କ ଆକାଉଣ୍ଟକୁ ଯିବ ସୁଭଦ୍ରାର ୫୦୦୦ ହଜାର ଟଙ୍କା । ଏନେଇ କେହି ବି ବ୍ୟାଙ୍କ ସମ୍ମୁଖରେ ଭିଡ ଲଗାନ୍ତୁ ନି ଘର ବସି ରହୁହନ୍ତୁ । ଆପଣଙ୍କ ଆକାଉଣ୍ଟକୁ ସିଧାଯିବା ସଭୁଦ୍ରାର ୫୦୦୦ ଟଙ୍କା । ଆସନ୍ତା ଅକ୍ଟୋବର ୯ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାରିପଦାରେ ୩୫ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ପ୍ରଦାନ କରିବେ । ହିତାଧିକାରୀମାନଙ୍କ ବ୍ୟାଙ୍କ ଖାତା ସଚଳ ଅଛି କି ନାହିଁ ତାହା ପରୀକ୍ଷା କରିବା ସହ ସ୍ୱଚ୍ଛତା ଅନୁଧ୍ୟାନ କରିବା ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ଯୋଗ୍ୟ ବିବେଚିତ ହୋଇଥିବା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପରୀକ୍ଷାମୂଳକ ଭାବେ ଏକ ଟଙ୍କା ପଠାଯିବାର ବ୍ୟବସ୍ଥା କରାଯାଇଥିଲା । କିନ୍ତୁ ଦ୍ୱିତୀୟ ପର୍ଯ୍ୟାୟ ନିମନ୍ତେ ଏପରି କିଛି ବ୍ୟବସ୍ଥା ଏଯାବତ ଆରମ୍ଭ କରାଯାଇନାହିଁ ବୋଲି ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି । ସୋସିଆଲ ମିଡିଆରେ ଚାଲୁଥିବା ଏହି ମିଥ୍ୟା ଖବର ଦ୍ୱାରା ଭ୍ରମିତ ନ ହେବା ପାଇଁ ବିଭାଗ ତରଫରୁ ଅନୁରୋଧ କରାଯାଇଛି । 'ସୁଭଦ୍ରା' ଯୋଜନା ସମ୍ବନ୍ଧୀୟ ସମସ୍ତ ଅପଡେଟ ଖବର ପାଇଁ ସୁଭଦ୍ରାର ଅଫିସିଆଲ ୱେବସାଇଟ କିମ୍ବା ଅଫିସିଆଲ ସୋଶାଲ ମିଡିଆକୁ ଅନୁସରଣ କରନ୍ତୁ ଅବା ଟୋଲ ଫ୍ରୀ ନମ୍ବର-୧୪୬୭୮କୁ କଲ୍ କରନ୍ତୁ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

## ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟକୁ ମିଳିଲା ପ୍ରକୃତିମିତ୍ର ସମ୍ମାନ ୨୦୨୪




ବାଲିଅନ୍ତା,(ପି.ଏନ): ବାଲିଅନ୍ତା ବ୍ଲକ୍‌ରେ ଦୀର୍ଘଦିନ ହେବ ସମାଜସେବା କ୍ଷେତ୍ରରେ କାର୍ଯ୍ୟକରି ସମଗ୍ର ଜୟଦେବ ନିର୍ବାଚନ ମଣ୍ଡଳୀ ରେ ଏକ ପରିବେଶ ସୁରକ୍ଷା ଦିଗରେ ବୃକ୍ଷରୋପଣ ଓ ଜନ ସଚେତନତା କାର୍ଯ୍ୟକ୍ରମ ହାତକୁ ନେଇ ଗ୍ରୀନ ଜୟଦେବ ଫାଉଣ୍ଡେସନ ସୁପରିଚିତ ହୋଇପାରିଛି । ବିଶେଷକରି ବାଇଡ଼ଡେଇ ସୁରକ୍ଷା ଓ ତାଳଗଛ ରୋପଣ କ୍ଷେତ୍ରରେ ଉଲେକ୍ଷ ଅବଦାନ ପାଇଁ ଓଡ଼ିଶା ସରକାର ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗଦ୍ୱାରା ଖୋର୍ଦ୍ଧା ବନଖଣ୍ଡ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ବନ୍ୟଜନ୍ତୁ ବନସପ୍ତାହ ପାଳନ ଅବସରରେ ପ୍ରକୃତିମିତ୍ର ସମ୍ମାନ ୨୦୨୪ ପ୍ରଦାନ କରାଯାଇଅଛି । ଅନୁଷ୍ଠାନର ମୁଖ୍ୟ ଟ୍ରଷ୍ଟି ପ୍ରକୃତିବନ୍ଧୁ 'ଦୀନବନ୍ଧୁ ଭୋଇ'ଙ୍କୁ ,୨୦ହଜାର ଟଙ୍କା ଚେକ୍ ଏବଂ ମାନପତ୍ର ମୁଖ୍ୟ ଅତିଥି ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ପୂର୍ଣ୍ଣିମା ପଣ୍ଡିଆନ ଙ୍କ ଠାରୁ ଗ୍ରହଣ କରିଥିଲେ । ପ୍ରକାଶ ଥାଉକି ଶ୍ରୀ ଭୋଇ ୨୦୧୯ ମସିହାରେ ପରିବେଶ କ୍ଷେତ୍ରରେ କାର୍ଯ୍ୟକରି ପ୍ରକୃତି ବନ୍ଧୁ ସମ୍ମାନ ପାଇଥିଲେ । ଏହି ସମ୍ମାନ ମିଳିବା ପରେ ଅଞ୍ଚଳରୁ ବହୁତ ଲୋକ ଶୁଭେଚ୍ଛା ର ସୁଅ ଛୁଟୁଛି ।

## ଆପ୍ ଜମ୍ମୁ-କଶ୍ମୀରରେ ଖାତା ଖୋଲିଲା

ଶ୍ରୀନଗର, (ପି.ଏନ): ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନରେ ଆମ୍ ଆଦମୀ ପାର୍ଟି (ଆପ୍) ଖାତା ଖୋଲିଛି । ଡୋଡା ବିଧାନସଭାରୁ ଆପ୍ ପ୍ରାର୍ଥୀ ମେହେରାଜ ମଲିକ ୩୭୭୦ ଭୋଟ୍‌ରେ ଜିତିଛନ୍ତି ।ଆପ୍ ନେତା ଗୋପାଳ ରାୟ କହିଛନ୍ତି ଯେ ଆମ୍ ଆଦମୀ ପାର୍ଟି ଦିଲ୍ଲୀ ପରେ ପଞ୍ଜାବରେ ସରକାର ଗଠନ କରିଛି । ବିଧାୟକମାନେ ଗୋଆରେ ବିଜୟୀ ହୋଇ ଫେରିଥିଲେ ଏବଂ ପରେ ବିଧାୟକମାନେ ମଧ୍ୟ ଗୁଜୁରାଟରୁ ବିଜୟୀ ହୋଇଥିଲେ । ଦଳ ଏକ ଜାତୀୟ ଦଳ ହୋଇଥିଲା । ଏବେ ଜମ୍ମୁ-କଶ୍ମୀରର ଲୋକମାନେ ଆମ୍ ଆଦମୀ ପାର୍ଟିର ପ୍ରତିନିଧିତ୍ୱକୁ ବିଧାନସଭାକୁ ପଠାଇଛନ୍ତି । ସମଗ୍ର ଦେଶରେ ଆପ୍ ପାଇଁ ଏହା ଉତ୍ସାହର ବିଷୟ । ଆପ୍‌ର ରାଜ୍ୟସଭା ସାଂସଦ ସଞ୍ଜୟ ସିଂ ମେହରାଜ ମଲିକଙ୍କ ପାଇଁ ପ୍ରଚାର କରିଥିଲେ ।

## ଭାରତୀୟ ଗଣତନ୍ତ୍ର ଜୟପ୍ରକାଶଙ୍କ ଯୋଗୁଁ ବଞ୍ଚିଛି

ଭୁବନେଶ୍ୱର, (ପି.ଏନ): ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀ ଯେପରି କ୍ଷମତାର ସମସ୍ତ ସୋପାନକୁ ପାଦରେ ଆଡେଇ ଦେଇ ରାଷ୍ଟ୍ର ନିର୍ମାଣକୁ ଜୀବନର ବ୍ରତ କରିଥିଲେ, ଠିକ୍ ସେହିପରି ଗାନ୍ଧୀ ଶିଷ୍ୟ ଲୋକନାୟକ ଜୟପ୍ରକାଶ ନାରାୟଣ ପ୍ରଧାନମନ୍ତ୍ରୀ, ଉପ ପ୍ରଧାନମନ୍ତ୍ରୀ ଭଳି ଲୋଭନୀୟ ପଦବୀ ସବୁକୁ ପାଦରେ ଆଡେଇ ଦେଇ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ସେବାରେ ଆଜୀବନ କାର୍ଯ୍ୟ କରିଥିଲେ । ଭାରତ ଛାଡ ଆନ୍ଦୋଳନର ମହାନାୟକ ଜୟପ୍ରକାଶ ଗାନ୍ଧୀଜୀଙ୍କ ପରେ ଭାରତୀୟ ଜନସାଧାରଣଙ୍କ ବିବେକର ପ୍ରତୀକ ସାଜିଥିଲେ । ଭ୍ରଷ୍ଟାଚାର ମୁକ୍ତ ଭାରତ ଓ ଏକଛତ୍ରବାଦ ମୁକ୍ତ ଭାରତର ସଜାଗ ପ୍ରହରୀ ଭାବରେ ସେ ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନର ନେତୃତ୍ୱ ନେଇ ଇନ୍ଦିରା ଗାନ୍ଧୀଙ୍କ ଏକଛତ୍ରବାଦ କବଳରୁ ଭାରତକୁ ଉଦ୍ଧାର କରିଥିଲେ । ସମାଜବାଦୀ ଆନ୍ଦୋଳନ ଓ ସର୍ବୋଦୟ ଆନ୍ଦୋଳନ ସହ ସାମିଲ ହୋଇ ଆଜୀବନ କାର୍ଯ୍ୟ କରି ସେ ଭାରତରେ ନୂଆ ଇତିହାସ ନିର୍ମାଣ କରିଥିଲେ ।

## ଜାହାଜରେ ପଣ୍ୟ ଖଲାସ ବେଳେ ଅଘଟଣ-ଜାହାଜ ଉପରେ ଭାଙ୍ଗିପଡିଲା କ୍ରେନ୍

ପାରାଦୀପ-(ପି.ଏନ): ପାରାଦୀପରେ ଏକ ପଣ୍ୟବାହୀ ଜାହାଜରେ ପଣ୍ୟ ଖଲାସ କାର୍ଯ୍ୟ ଚାଲୁଥିବା ବେଳେ ପଣ୍ୟ ଖଲାସରେ ବ୍ୟବହୃତ କ୍ରେନ୍ ଭାଙ୍ଗି ପଡିଛି । ମିଳିଥିବା ସୂଚନାନୁସାରେ ମଙ୍ଗଳବାର ଦିନ ପାରାଦୀପ ବନ୍ଦର ମଲ୍ଟି ପରପସ୍ ବର୍ଥ (ଏମପିବି)ରେ ଏଏନଏମଏସ ମହାଲକ୍ଷ୍ମୀ ନାମକ ଜାହାଜରେ ପଣ୍ୟ ଖଲାସ ହେଉଥିଲା । ପଣ୍ୟ ଖଲାସ କାର୍ଯ୍ୟରେ ସୋର କ୍ରେନ୍ ଦ୍ୱାରା ପଣ୍ୟ କରାଯାଉଥିଲା । ସୋର୍ କ୍ରେନ୍‌ଟି ପଣ୍ୟ ଜାହାଜରୁ ଉଠାଉଥିବା ବେଳେ ହଠାତ୍ କ୍ରେନ୍‌ର ବୁମ୍ ଜାହାଜ ଉପରେ ଭାଙ୍ଗି ପଡିଥିଲା । ଫଳରେ ଜାହାଜର ୭ ନମ୍ବର ହାଜ୍ କଭର (ଢାଙ୍କୁଣି) କ୍ଷତିଗ୍ରସ୍ତ ହୋଇଥିବା ନେଇ ସୂଚନା ମିଳିଛି । ବୋର୍ଥା ସିପିଙ୍ଗ କମ୍ପାନୀର ଏହି ସୋର କ୍ରେନ୍ ବୋଲି ଜଣା ପଡିଛି ।

## ହରିୟାଣା ଭୋଟ ଗଣତିକୁ ନେଇ ପ୍ରଶ୍ନ ଉଠାଇଲା କଂଗ୍ରେସ: କହିଲା- ରାୟକୁ ଗ୍ରହଣ କରିବୁ ନାହିଁ



ଭୁବନେଶ୍ୱର,୮।୧୦(ପି.ଏନ): ହରିୟାଣା ବିଧାନସଭା ନିର୍ବାଚନ ରେଜଲ୍ଟ ଅପ୍ରତ୍ୟାଶିତ ଓ ଆଶ୍ଚର୍ଯ୍ୟଜନକ । କଂଗ୍ରେସ ଏହାକୁ କେବେ ହେଲେ ଗ୍ରହଣ କରିପାରିବ ନାହିଁ ବୋଲି ଦଳ ପକ୍ଷରୁ କୁହାଯାଇଛି । ବିଜେପି ହରିୟାଣାରେ ରେକର୍ଡ ତୃତୀୟ ଥର ପାଇଁ ସରକାର ଗଠନ କରିବାକୁ ଯାଉଥିବା ବେଳେ ଏକଦା ଆଗରେ ଥିବା କଂଗ୍ରେସ କେବଳ ୩୬ ଆସନରେ ସୀମିତ ରହିବା ଏକ ପ୍ରକାରର ସ୍ପଷ୍ଟ ହୋଇଛି । ନିଶ୍ଚିତ ବିଜୟ ଆଶା ରଖିଥିବା କଂଗ୍ରେସ ଏପରି ରେଜଲ୍ଟକୁ ନେଇ ପୂରା ଦୋହଲି ଯାଇଛି । ତେଣୁ ଭୋଟ ଗଣତିକୁ ନେଇ କଂଗ୍ରେସ ସନ୍ଦେହ ପ୍ରକାଶ କରିଛି । ଏହାପୂର୍ବରୁ ନିର୍ବାଚନ କମିଶନ ଗଣତି ରିପୋର୍ଟ ୱେବସାଇଟରେ ଅପଲୋଡ କରିବାରେ ବିଳମ୍ବ କରୁଥିବାରୁ ଏନେଇ କଂଗ୍ରେସ ଆପତ୍ତି ଉଠାଇଥିଲା ।

## ସବୁଠି ଜଗିଛି ପୋଲିସ, ଶାନ୍ତି-ଶୃଙ୍ଖଳାରେ ସରିବ ପୂଜା: ଓଡିଶା ପୋଲିସର ସ୍ୱତନ୍ତ୍ର ବ୍ୟବସ୍ଥା



ଭୁବନେଶ୍ୱର,୮।୧୦(ପି.ଏନ): ଟ୍ୱିନ ସିଟି କଟକ-ଭୁବନେଶ୍ୱରରେ ଦୁର୍ଗା ପୂଜା ପାଇଁ ଗହଳି ଆରମ୍ଭ ହୋଇଯାଇଛି । ତେବେ ଭିଡ ନିୟନ୍ତ୍ରଣ ସହ ଗଣ୍ଡଗୋଳ ଏବଂ ସମସ୍ୟାକୁ ଏଡାଇବା ପାଇଁ ମଧ୍ୟ ପ୍ରସ୍ତୁତି କରିସାରିଛି ଓଡିଶା ପୋଲିସ । ଟ୍ୱିନ ସିଟିରେ ଶାନ୍ତି ଶୃଙ୍?ଖଳା ବଜାୟ ରଖିବା ପାଇଁ ସ୍ଥାନେ ସ୍ଥାନେ ଜଗିବେ ପୋଲିସ କର୍ମୀ । ଏଥିପାଇଁ ବିଭିନ୍ନ ସ୍ଥାନରେ ପ୍?ଲାଟୁନ ପ୍ଲାଟୁନ ପୋଲିସଙ୍କୁ ନିୟୋଜିତ କରାଯାଇଛି । କେବଳ କଟକ-ଭୁବନେଶ୍ୱର ପାଇଁ ୧୦୨ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଛି ।ଶାନ୍ତି ଶୃଙ୍ଖଳାର ସହିତ ପୂଜା ଶେଷ କରିବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ବ୍ୟପକ ବନ୍ଦୋବସ୍ତ କରାଯାଇଛି । ସେଥିପାଇଁ କଟକରେ ୬୪ ପୋଲିସ ଫୋର୍ସ ମୁତୟନ ହୋଇଥିବା ବେଳେ ଭୁବନେଶ୍ୱରରେ ୩୮ ପୋଲିସ ଫୋର୍ସ ମୁତୟନ କରାଯାଇଛି । ଟ୍ରାଫିକ ନିୟନ୍ତ୍ରଣ କରିବା ସହ ଅପରାଧକୁ ନିୟନ୍ତ୍ରଣ କରିବା ପୋଲିସ ପାଇଁ ସବୁଠୁ ବଡ ଚ୍ୟାଲେଞ୍ଜ ହେବ । ତେଣୁ ଏହା ଉପରେ ବିଶେଷ ଗୁରୁତ୍ୱ ଦେଇଛି କମିଶନରେଟ ପୋଲିସ । ରାଜଧାନୀ ଭୁବନେଶ୍ୱରରେ ୧୮୭୮ ପେଣ୍ଡାଲ ହୋଇଥିବା ବେଳେ ଏଠାରେ ସମସ୍ତ ସ୍ଥାନରେ ମୋଟ ୩୮ ପ୍ଲାଟୁନ୍ ପୋଲିସ ଫୋର୍ସ ନିୟୋଜିତ ହେବେ । ଅନ୍ୟ ପକ୍ଷରେ ସିଲିଭର ସିଟି କଟକରେ ୧୬୬ଟି ମେଢ ପାଇଁ ୬୪ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି ।ତେବେ ୬ ପ୍ଲାଟୁନ୍ ସିଆରପିଏଫ, ୩ ପ୍ଲାଟୁନ୍ ରାପିଡ ଆକ୍ସନ ଫୋର୍ସଙ୍କ ମଧ୍ୟ ସୁରକ୍ଷା ଦାୟିତ୍ୱ ପ୍ରଦାନ କରାଯାଇଛି । ସେହିପରି ୨୦୦ ଅଫିସରଙ୍କ ସହ ସିଏପିଏଫ ଫୋର୍ସ ମତୟନ କରାଯିବ । ତେବେ ଛିନତାଇ ମାମଲାରେ ରୋକିବା ପାଇଁ ସାଦା ପୋଷାକରେ ସ୍ୱତନ୍ତ୍ର ପୋଷାକ ପ୍ରହରା ଦେବା ନେଇ ନିଷ୍ପତ୍ତି ହୋଇଛି । ଏହାବ୍ୟତୀତ ପୂଜା ମଣ୍ଡପ ସିସିଟିଭି ସର୍ଭେଲାନ୍ସରେ ରଖାଯିବ ବୋଲି ପୋଲିସ କମିଶନର ପକ୍ଷରୁ ଜାଣିବାକୁ ମିଳିଛି ।

## ପଞ୍ଚାୟତିରାଜ ବାବୁଙ୍କ ଟଙ୍କାର ପାହାଡ ! ୮ଟି ସ୍ଥାନରେ ଭିଜିଲାନ୍ସ ଚଢ଼ାଉ

ଭୁବନେଶ୍ୱର, (ପି.ଏନ): ଜାଲରେ ପଡିଲେ ପଞ୍ଚାୟତିରାଜ ବାବୁ । ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଟିମର ଚଢ଼ାଉ । ଭୁବନେଶ୍ୱର ଘର ସମେତ ଏକ କାଳୀନ ୮ ସ୍ଥାନରେ ଚଢ଼ାଉ କରାଯାଉଥିବା ସୂଚନା । ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ବରିଷ୍ଠ ଅଧିକାରୀ ହେଉଛନ୍ତି ରମେଶ ଚନ୍ଦ୍ର ଜେନା ।ଭୁବନେଶ୍ୱର କଳିଙ୍ଗନଗର ସ୍ଥିତ ଘର, ଗୋପାଳପାଟଣାରେ ୩ ମହଲା କୋଠା, ପୁରୀ ବାଣପୁରରେ ପୈତୃକ ଘର, ୟୁନିଟ ୨ରେ ଥିବା ସରକାରୀ କ୍ୱାର୍ଟର୍ସ, ଟାଙ୍ଗୀରେ ସମ୍ପର୍କୀୟଙ୍କ ଘର ଏବଂ ଅଫିସରେ ଘନ ଘନ ଚଢ଼ାଉ କରିଛି ଭିଜିଲାନ୍ସ ଟିମ୍ । ଏହି ଚଢ଼ାଉରେ ୮ଜଣ ଡିଏସପି, ୩ଜଣ ଇନ୍ସପେକ୍ଟର, ୧୦ଜଣ ଏଏସଆଇ ସମେତ ଅନ୍ୟ ଅଧିକାରୀମାନେ ମଧ୍ୟ ସାମିଲ ରହିଛନ୍ତି । ତେବେ ବର୍ତ୍ତମାନ ସୁଦ୍ଧା କେତେ ଟଙ୍କା ଜବତ ହୋଇଛି ସେନେଇ କୌଣସି ସୂଚନା ନଥିବା ବେଳେ ରେଡ ପରେ ପ୍ରକୃତ ସତ୍ୟ ସାମ୍ନାକୁ ଆସିବ ।




## ହୁଡା-ଶୈଲଜା ନୁହନ୍ତି ଖଳନାୟକ: କଂଗ୍ରେସର ପରାଜୟ ପଛରେ ରହିଛି ଏସବୁ କାରଣ

ଚଣ୍ଡିଗଡ, (ପି.ଏନ): ହରିୟାଣା ବିଧାନସଭା ନିର୍ବାଚନର ଫଳାଫଳ ପ୍ରାୟ ସ୍ପଷ୍ଟ ହୋଇଛି । ସମସ୍ତ ଏକଜିଟ୍ ପୋଲ୍‌କୁ ପଛରେ ପକାଇ ବିଜେପି ରାଜ୍ୟରେ ତୃତୀୟ ଥର ପାଇଁ ସରକାର ଗଠନ କରିବାକୁ ଯାଉଛି । ରାଜ୍ୟରେ ଫଳାଫଳ ଆଶ୍ଚର୍ଯ୍ୟଜନକ ହୋଇଛି । ସମସ୍ତ ଏକଜିଟ୍ ପୋଲରେ କଂଗ୍ରେସ ଏକ ବଡ ବିଜୟ ହାସଲ କରିବ ବୋଲି ପୂର୍ବାନୁମାନ କରାଯାଇଥିଲା କିନ୍ତୁ ଆସିଥିବା ଫଳାଫଳକୁ ନେଇ ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି ।ନିର୍ବାଚନ ଆୟୋଗର ୱେବସାଇଟ୍ ଅନୁଯାୟୀ ବିଜେପି ଆଗରେ ଅଛି । ରାଜ୍ୟର ୯୦ ବିଧାନସଭା ଆସନରୁ ସରକାର ଗଠନ ପାଇଁ କୁହୁକ ସଂଖ୍ୟା ୪୬ ଥିବାବେଳେ ବିଜେପି ଏହା ଟପି ସାରିଛି । କଂଗ୍ରେସ ସପକ୍ଷରେ ଥିବା ଜାଟ୍ ଭୋଟ୍ ବିଜେପିକୁ ମିଳିଛି । କଂଗ୍ରେସର ଏହି ପରାଜୟରେ କେଉଁ ନେତା ଖଳନାୟକ ତାହା ଦଳ ପକ୍ଷରୁ ବିଶ୍ଳେଷଣ କରାଯାଉଛି । ବାସ୍ତବରେ ମଧ୍ୟଭାଗ ନିର୍ବାଚନ ସମୟରେ କଂଗ୍ରେସର ଦୁଇ ଶିବିର ଭୁପିନ୍ଦର ସିଂ ହୁଡା ଏବଂ କୁମାରୀ ଶୈଳଜାଙ୍କ ମଧ୍ୟରେ ବିବାଦ ସାମ୍ନାକୁ ଆସିଥିଲା । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟରେ କୁମାରୀ ଶୈଳଜା ପ୍ରାୟ ୧୦ ଦିନ ନିର୍ବାଚନ ପ୍ରଚାରରୁ ଦୂରେଇ ରହିଥିଲେ । ପାର୍ଟି ମାନିଫେଷ୍ଟୋ ପ୍ରକାଶ କରିବା ସମୟରେ ସେ ମଧ୍ୟ ଉପସ୍ଥିତ ନ ଥିଲେ । ତା'ପରେ ଦଳର ସଭାପତି ମଲ୍ଲିକାର୍ଜୁନ ଖଡଗେଙ୍କୁ ପଦକ୍ଷେପ ନେବାକୁ ପଡିଲା ଏବଂ ତାଙ୍କ ଅନୁରୋଧ କ୍ରମେ ସେ ନିର୍ବାଚନ ପ୍ରଚାରରେ ପ୍ରବେଶ କଲେ ।ଏଭଳି ପରିସ୍ଥିତିରେ କଂଗ୍ରେସର ଭାଗ୍ୟ ନଷ୍ଟ କରିବାରେ କୁମାରୀ ଶେ?ଲଜାଙ୍କର ସବୁଠାରୁ ବଡ ଭୂମିକା ଥିବା କୁହାଯାଉଛି । କିନ୍ତୁ, ଏହି ତଥ୍ୟଟି ସମ୍ପୂର୍ଣ୍ଣ ଭୁଲ ଅଟେ । ପରିସଂଖ୍ୟାନ ଦର୍ଶାଏ ଯେ କଂଗ୍ରେସର ଏହି ପରାଜୟର ଖଳନାୟକ କୁମାରୀ ଶୈଳଜା ନୁହଁନ୍ତି ବରଂ ଅନ୍ୟ କେହି ।ବାସ୍ତବରେ, ହରିୟାଣାର ଦୁଇଟି ଲୋକସଭା ନିର୍ବାଚନମଣ୍ଡଳୀ, ସିର୍ସା ଏବଂ ଅମ୍ବାଲା କୁମାରୀ ଶୈଳଜାଙ୍କ ପ୍ରଭାବ କ୍ଷେତ୍ର ଭାବରେ ବିବେଚନା କରାଯାଏ । କୁମାରୀ ଶେ?ଲଜା ଦଳିତ ସମ୍ପ୍ରଦାୟର ଏବଂ ସେ ନିଜେ ସିର୍ସାର ସାଂସଦ ଅଟନ୍ତି । କଂଗ୍ରେସର ବରୁଣ ମୁଲାନା ଅମ୍ବାଲାର ସାଂସଦ । ଏହି ଦୁଇଟି ସଂରକ୍ଷିତ ଆସନ । ଏହି ଦୁଇଟି ଲୋକସଭା ନିର୍ବାଚନମଣ୍ଡଳୀରେ ମୋଟ ୧୮ ଟି ବିଧାନସଭା ଆସନ ଅଛି । ଏହି ୧୮ ଟି ଆସନରେ ଏକ ବଡ ବିଜୟ ହାସଲ କରିବାକୁ ଯାଉଥିବା ବିଜେପିର ପ୍ରଦର୍ଶନ ଅତ୍ୟନ୍ତ ଖରାପ ରହିଛି ।

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray